


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୮୪ ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.184 Bhubaneswar, Thursday, March 20, 2025


## କଂଗ୍ରେସର ହଟଗୋଳ ଯୋଗୁଁ ଗୃହ ଅଚଳ



ଭୁବନେଶ୍ୱର,୧୯/୩: କଂଗ୍ରେସ ସଦସ୍ୟମାନଙ୍କ ହଟଗୋଳ ଯୋଗୁଁ ଆଜି ବିଧାନସଭାର ପ୍ରଶ୍ନକାଳ କିମ୍ବା ଶୂନ୍ୟକାଳ ଚାଲିପାରି ନାହିଁ । ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ଦୁଇ ପର୍ଯ୍ୟାୟରେ ମାତ୍ର ୭ ମିନିଟ୍ ପାଇଁ ଚାଲିଥିବାବେଳେ ବାଚସ୍ପତି ସୁରମା ପାଢୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବି ରଖିଛନ୍ତି । ଆଜି ପ୍ରଶ୍ନକାଳ ଆରମ୍ଭ ମାତ୍ରେ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗକୁ ଆସି ହଟଗୋଳ କରିଥିଲେ । ନାରୀ ନିର୍ଯ୍ୟାତନା ମାମଲାର ତଦନ୍ତ ପାଇଁ ଗୃହ କମିଟି ଗଠନ ଦାବିରେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାବେଳେ ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନକାଳ ଆରମ୍ଭ କରିଥିଲେ । ବିଜେପି ବିଧାୟକ ଅମର କୁମାର ନାୟକ ପଚାରିଥିବା ପ୍ରଥମ ପ୍ରଶ୍ନର ଉତ୍ତର କୃଷିମନ୍ତ୍ରୀଙ୍କ ତରଫରୁ ରଖିଥିଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ମନ୍ତ୍ରୀ ତାଙ୍କ ଉତ୍ତର ରଖୁଥିବାବେଳେ କଂଗ୍ରେସ ସଦସ୍ୟ ସର୍ବଶ୍ରୀ ପବିତ୍ର ସାଉଁତା, ଡ. ସି.ଏସ୍. ରାଜନ ଏକ୍କା, ସୋଫିଆ ଫିରଦୋସ, ଅଶୋକ କୁମାର ଦାସ ପ୍ରମୁଖ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଥିଲେ । ହଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୧୨ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ । ପୁର୍ନବାର ଗୃହକାର୍ଯ୍ୟ ଆରମ୍ଭ ମାତ୍ରେ କଂଗ୍ରେସ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହ ମଧ୍ୟକୁ ଆସିବା ସହିତ ସ୍ଲୋଗାନମାନ ଦେଇଥିଲେ । ବାଚସ୍ପତି କଂଗ୍ରେସ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବାପାଇଁ ଅନୁରୋଧ କରିବା ସହିତ ମୁଲତବି ପ୍ରସ୍ତାବ ଆଲୋଚନା ପାଇଁ ଡାକିଥିଲେ । ତେବେ କଂଗ୍ରେସ କଂଗ୍ରେସ ସଦସ୍ୟମାନେ ହଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବି ରଖିଛନ୍ତି ।

# ୯ ମାସ ପରେ ପୃଥିବୀକୁ ଫେରିଲେ ସୁନୀତା ୱିଲିୟମ୍ସ



ୱାଶିଂଟନ୍ ,୧୯/୩: ଦୀର୍ଘ ପ୍ରତୀକ୍ଷାର ଅନ୍ତ ହୋଇଛି । ମହାକାଶକୁ ୮ ଦିନ ପାଇଁ ଯାଇ ୯ ମାସ ଧରି ଫସିରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ପୃଥିବୀ ପୃଷ୍ଠକୁ ଫେରିଛନ୍ତି । ସୁନୀତା ଏବଂ ବୁଚ୍‌ଙ୍କ ସହ ଅନ୍ୟ ନିକ୍ ହଗ୍ ଏବଂ ରୁଷୀୟ ମହାକାଶଚାରୀ ଆଲେକଜାଣ୍ଡର ଗୋର୍ବୁନୋଭ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର (ଆଇଏସଏସ)ରୁ ଯାତ୍ରା ଆରମ୍ଭ କରିସାରିଥିଲା ବେଳେ ଭୂପୃଷ୍ଠରେ ସେମାନଙ୍କ ଅବତରଣ କରିଛନ୍ତି । ଆମେରିକାର ଫ୍ଲୋରିଡା ନିକଟ ସମୁଦ୍ରତଟରେ ସ୍ପେସ୍-ଏକ୍ସ କ୍ରୁ ଡ୍ରାଗନ୍ କ୍ୟାପସୁଲ୍ ସଫଳ ଅବତରଣ ହୋଇଛି । ଆମେରିକା ସମୟ ମଙ୍ଗଳବାର ସନ୍ଧ୍ୟା ୫.୫୭ ମିନିଟ୍ (ଭାରତୀୟ ସମୟ ବୁଧବାର ପ୍ରତ୍ୟୁଷ ୩.୨୭ ମିନିଟ୍)ରେ ସଫଳ ଲାଣ୍ଡିଂ କରିଛି ଡ୍ରାଗନ୍ କ୍ୟାପସୁଲ୍ । ଦୀର୍ଘ ୧୭ ଘଣ୍ଟାର ଯାତ୍ରା ପରେ ସ୍ପେସ୍ ଷ୍ଟେସନରୁ ପୃଥିବୀ ପୃଷ୍ଠରେ ପହଞ୍ଚିଛନ୍ତି ମହାକାଶଚାରୀ । ଭାରତୀୟ ସମୟ ଭୋର ୩ଟା ୨୭ ମିନିଟରେ ସମୁଦ୍ରରେ ନାସାର ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ ଡ୍ରାଗନ୍ ଲାଣ୍ଡିଂ କରିବା ପରେ ପରେ ୪ ମହାକାଶଚାରୀ ବାହାରକୁ ଆସିଥିବାର ଭିଡ଼ିଓ ସାମ୍ନାକୁ ଆସିଛି । ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ସମୟରେ ସ୍ପେସ୍‌ଏକ୍ସ କ୍ରୁ ଡ୍ରାଗନର ବେଗ ଘଣ୍ଟା ପ୍ରତି ୨୭ ହଜାର କିଲୋମିଟର ଥିଲା । ଶବ୍ଦର ବେଗଠୁ ୨୨ ଗୁଣା ଅଧିକ ବେଗରେ କ୍ୟାପସୁଲ ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରିବା ପରେ ବାହ୍ୟ ତାପମାତ୍ରା ୧୯୨୬ ଡୀଗ୍ରୀ ସେଲସିୟସକୁ ବଢିଯାଇଥିଲା ।ଅବତରଣର କିଛି ମିନିଟ ପୂର୍ବରୁ ଡ୍ରାଗନ କ୍ୟାପସୁଲରେ ଲାଗିଥିବା ୪ ଟି ପାରାସୁଟ୍ ଖୋଲାଯାଇଥିଲା । ପ୍ରଥମେ ଦୁଇଟି ପାରାସୁଟ ଖୋଲାଯାଇଥିଲା । ପରେ ଯାନର ବେଗ କମ ହେବା ପରେ ଅନ୍ୟ ୨ଟି ପାରାସୁଟ ଖୋଲିଥିଲା । ପାରାସୁଟ ଯୋଗୁଁ ଯାନର ବେଗ କମ୍ ହେବା ସହ ଧିରେ ଧିରେ ତଳକୁ ଖସି ସମୁଦ୍ରରେ ପଡିଥିଲା । ସ୍ପେସଏକ୍ସ କ୍ରୁ ଡ୍ରାଗନ ସମୁଦ୍ରରେ ପଡିବା ପୂର୍ବରୁ ସେଠାରୁ ସ୍ୱତନ୍ତ୍ର ବୋଟ ମୁତୟନ ରହିଥିଲା । ମହାକାଶ ଯାନରୁ ମହାକାଶଚାରୀଙ୍କୁ ସୁରକ୍ଷିତ ବାହାର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଠାଯାଇଛି । ୪ ମହାକାଶଚାରୀ ଫେରିବା ପରେ କେବଳ ଆମେରିକା ନୁହେଁ ସାରା ବିଶ୍ୱରେ ଖୁସିର ଲହରୀ ଖେଳୟାଇଛି ।

# ଆଧାର ସହ ଲିଙ୍କହେବ ଭୋଟର କାର୍ଡ

ଭୁବନେଶ୍ୱର,୧୯/୩: ପ୍ୟାନ କାର୍ଡ ପରେ ଏବେ ଭୋଟର ପରିଚୟ ପତ୍ରକୁ ମଧ୍ୟ ଆଧାର ଲିଙ୍କ କରାଯିବ । କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏ ନେଇ ନିଷ୍ପତି ନିଆଯାଇଛି । ରିପୋର୍ଟ ଅନୁସାରେ ଦେଶର ଭୋଟର ତାଲିକା ବ୍ୟବସ୍ଥାରେ ଏକ ବୃହତ୍ ସଂସ୍କାର ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ନିର୍ବାଚନ ଆୟୋଗ ଏପରି କିଛି ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଦେଶର ଭୋଟର ମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା ଦ୍ୱାରା ଭୋଟର ଏବଂ ଭୋଟିଂ ବ୍ୟବସ୍ଥାରେ ଉଲ୍ଲେଖନୀୟ ସଂସ୍କାର ଆସିପାରିବ ବୋଲି କେନ୍ଦ୍ର ନିର୍ବାଚନ ଆୟୋଗ ମତବ୍ୟକ୍ତ କରିଛନ୍ତି । ସେହିପରି ଏ ସମ୍ପର୍କରେ ଜାରି ଏକ ବିବୃତିରେ ନିର୍ବାଚନ କମିଶନ କହିଛନ୍ତି ନିର୍ବାଚନ କମିଶନ ଜନ ପ୍ରତିନିଧିତ୍ୱ ଆଇନ୍ ୧୯୫୦ ର ଧାରା ୩୨୬ ଏବଂ ଜନପ୍ରତିନିଧି ଆଇନର ଧାରା ୨୩(୪), ୨୩(୫) ଏବଂ ୨୩(୬) ଏବଂ ଡଚ(ସିଭିଲ) ନମ୍ବର ୧୭୭/୨୦୨୩ ରେ ଆସିଥିବା ସୁପ୍ରିମ କୋର୍ଟଙ୍କ ନିଷ୍ପତି ଅନୁଯାୟୀ ଭୋଟର ପରିଚୟକୁ ଆଧାର ସହିତ ସଂଯୋଗ କରାଯିବା ନିଷ୍ପତି ନିଆଯାଇଛି । ଏହି କ୍ରମେ ଭୋଟର ପରିଚୟ ପତ୍ରରେ ଉଲ୍ଲେଖ ଥିବା ଇପିଆଇସି ନଂ (ଏପିକ୍ ନଂ) କୁ ଆଧାର ସହିତ ଲିଙ୍କ କରାଯିବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟ ପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇ ର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଭୋଟର ପରିଚୟ ପତ୍ରକୁ ଆଧାର ଲିଙ୍କ କରାଯିବା ଉପରେ ବ୍ୟାପକ ଆଲୋଚନା ହୋଇଛି । ଆଗାମୀ ଦିନରେ ରେ ମଧ୍ୟ ୟୁଆଇଡିଏଆଇ ଏବଂ ନିର୍ବାଚନ କମିଶନର ଅଧିକାରୀଙ୍କ ମଧ୍ୟରେ ଏ ନେଇ ଅଧିକରୁ ଅଧିକ ଆଲୋଚନା ହେବ । ଭୋଟର ପରିଚୟ ପତ୍ର ଓ ଆଧାର ସଂଯୋଗ ଯୋଜନାକୁ କିପରି ଆଗକୁ ବଢ଼ାଯାଇପରିବ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଉଭୟ ପକ୍ଷ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ପ୍ରକାଶ ଯୋଗ୍ୟ ଭୋଟର ପରିଚୟ ପତ୍ର ସହିତ ଆଧାର କୁ ଲିଙ୍କ କରିବା ପଛରେ ନକଲି ଭୋଟିଂ କୁ ରୋକିବା ହେଉଛି ଏକ ବଡ଼ କାରଣ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେବାର ସମ୍ଭାବନା ଦୂର ହେବା ସହିତ ନିର୍ବାଚନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହେବ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବ ଦାସଙ୍କ ପତ୍ନୀ ମୀନତି ଦାସ




ଭୁବନେଶ୍ୱର,୧୯/୩: ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଉଚିତ୍ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ । ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି । ସ୍ୱର୍ଗତ ଦାସଙ୍କ ପତ୍ନୀ ଶ୍ରୀମତୀ ମୀନତି ଦାସ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ତାଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ । ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଏବଂ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ । ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ । ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେ କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଅବଗତ କରାଇପାରିବେ । ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବ୍ୟକ୍ତିଗତ ଭାବେ ଭେଟି ଏହି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବାର ଭରସା ଦେଇଥିବାରୁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

## ଏପ୍ରିଲ ୨ରୁ ରାଜ୍ୟରେ ସକାଳୁଆ ସ୍କୁଲ

ଭୁବନେଶ୍ୱର,୧୯/୩: ରାଜ୍ୟରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି । ଆସନ୍ତା ଏପ୍ରିଲ ୨ ତାରିଖ ଠାରୁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସକାଳୁ ଆରମ୍ଭ ହେବ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି । ବିଦ୍ୟାଳୟଗୁଡ଼ିକରେ ଆଗାମୀ ଏପ୍ରିଲ ୨ ତାରିଖ ଠାରୁ ସକାଳୁଆ ପାଠପଢ଼ା ହେବ । ଏହି ସମୟରେ ସୁରକ୍ଷିତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ଓ ଅନ୍ୟ ଆବଶ୍ୟକତୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ କହୁଯାଇଛି ଯେ, ଜିଲ୍ଲାପାଳମାନେ ନିଜ ଜିଲ୍ଲାର ପାଗର ସ୍ଥିତି ନେଇ ବିଦ୍ୟାଳୟ ଖୋଲିବା ନେଇ ନିଷ୍ପତ୍ତି ନେଇପାରିବେ । ତେବେ ବର୍ତ୍ତମାନ ସୁଦ୍ଧା ସମୟ ସାରଣୀ ପ୍ରକାଶ ପାଇ ନାହିଁ । ସ୍କୁଲରେ ପାଠ ପଢା କେଉଁ ସମୟରୁ ଆରମ୍ଭ ହୋଇ କେଉଁ ସମୟରେ ଶେଷ ହେବ ସେ ନେଇ କୌଣସି ସୂଚନା ମିଳିପାରି ନାହିଁ ।

# ପୂରଣ ହେବ ଭୁବନେଶ୍ୱରର ପ୍ରଦୂଷଣ ମୁକ୍ତ ଲକ୍ଷ୍ୟ

ଭୁବନେଶ୍ୱର,୧୯/୩: ଯୁକ୍ତରାଜ୍ୟ ସରକାର ଏବଂ ଓଡିଶା ସରକାରଙ୍କ ଶକ୍ତି ବିଭାଗ ଓ ଗ୍ରୀଡ଼କୋ ର ମିଳିତ ଆନୁକୂଲ୍ୟରେ ଆଜି 'ନେଟ୍-ଜିରୋ ଭିଜନ୍ ଫର୍ ଭୁବନେଶ୍ୱର' ବିଷୟରେ ଏକ ଉଚ୍ଚ-ସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଜ୍ଞାନ ଆଦାନ-ପ୍ରଦାନ ସହ ବହୁ-ପକ୍ଷୀୟ ସହଯୋଗକୁ ଉତ୍ସାହିତ କରିବା, ଏବଂ ଭୁବନେଶ୍ୱର ସହରରେ କିଭଳି ପ୍ରଦୂଷଣକୁ ପ୍ରତିହତ କରାଯାଇପାରିବ ସେ ଉପରେ ଏହି କର୍ମଶାଳାରେ ବିଷଦ ଆଲୋଚନା ହୋଇଥିଲା । ଦ ଏନର୍ଜି ଆଣ୍ଡ ରିସୋର୍ସ ଇନଷ୍ଟିଚ୍ୟୁଟ '(ଟେରି)' ପକ୍ଷରୁ ଏହି କାର୍ଯ୍ୟକ୍ରମ ର ସଂଯୋଜନା କରାଯାଇଥିଲା । ଏହି କର୍ମଶାଳାରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ତଥା ଶିଳ୍ପ ଓ ଶିକ୍ଷା ଜଗତ ସହିତ ଜଡିତ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱରର ନେଟ୍-ଜିରୋ ଯାତ୍ରା ପାଇଁ ଏକ ସଂପୂର୍ଣ୍ଣ ରୋଡମ୍ୟାପ୍ ବିକଶିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା । ୨୦୭୦ ସୁଦ୍ଧା ନେଟ୍-ଜିରୋ ଲକ୍ଷ୍ୟ ପୁରଣ କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଏବଂ ୨୦୨୯-୩୦ ମଧ୍ୟରେ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷମତା କୁ ୧୦.୯ ଗିଗାୱାଟ କୁ ବୃଦ୍ଧି କରିବା ପାଇଁ ସ୍ଥିର ହୋଇଥିବା ଲକ୍ଷ୍ୟ ଆଧାରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଦ ଏନର୍ଜି ଆଣ୍ଡ ରିସୋର୍ସ ଇନଷ୍ଟିଚ୍ୟୁଟ '(ଟେରି) ର ମହାନିର୍ଦ୍ଦେଶକ ଡ. ବିଭା ଧବନ ସ୍ୱାଗତ ଭାଷଣ ପ୍ରଦାନ କରି ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ଏକ ସ୍ଥାୟୀ ସମାଧାନ ପାଇଁ ମିଳିତ ପ୍ରଚେଷ୍ଟା ର ଆବଶ୍ୟକତା ଥିବା ମତବ୍ୟକ୍ତ କରିଥିଲେ । ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ, ଆମକୁ ପ୍ରଯୁକ୍ତିବିଦ୍ୟାର ଅଭାବ ପୂରଣ କରିବାକୁ ପଡିବ, ନୀତିଗତ ଢାଞ୍ଚାକୁ ସୁଦୃଢ଼ ??କରିବାକୁ ପଡିବ ଏବଂ ସ୍ୱଚ୍ଛ ଯାନବାହାନ ଚଳାଚଳ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ପଡିବ । ପରିବହନର ବିଦ୍ୟୁତୀକରଣ, ଗ୍ରୀଡ୍ ଆଧୁନିକୀକରଣ ଏବଂ ଅକ୍ଷୟ ଶକ୍ତି ର ସମନ୍ୱୟ ମାଧ୍ୟମରେ ନେଟ୍-ଜିରୋ ଭବିଷ୍ୟତର ଲକ୍ଷ ଶୀଘ୍ର ସାଧିତ ହେବ ବୋଲି ସେ କହିଥିଲେ । ଏଥିସହ ରାଜ୍ୟସରକାର ଙ୍କ ପକ୍ଷରୁ ବର୍ତ୍ତମାନ ବ୍ୟାଟେରୀ ଚାଳିତ ବସ ର ପ୍ରଚଳନ ଏବଂ ଆଗକୁ ପରୀକ୍ଷାମୂଳକ ଭାବେ ହାଇଡ୍ରୋଜେନ ବସ ର ପ୍ରଚଳନ ପାଇଁ ଥିବା ଯୋଜନା କୁ ସେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ତାଙ୍କ ସ୍ୱତନ୍ତ୍ର



ଭାଷଣରେ ଅକ୍ଷୟ ଶକ୍ତି ର ବିକାଶ ପ୍ରତି ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, "ଦେଶର ନେଟ୍-ଜିରୋ ପ୍ରତିବଦ୍ଧତା ସହିତ, ଓଡ଼ିଶା ୨୦୩୬ (ଓଡିଶା ରାଜ୍ୟ ମାନ୍ୟତା ପାଇବାର ଶତବାର୍ଷିକୀ ବର୍ଷ) ଏବଂ ୨୦୪୭ (ଭାରତ ସ୍ୱାଧୀନତାର ୧୦୦ ବର୍ଷ) ସୁଦ୍ଧା ପାରମ୍ପରିକ ଶକ୍ତି ରୁ ଅକ୍ଷୟ ଶକ୍ତି ଆଡକୁ ପରିବର୍ତ୍ତନ ପାଇଁ ନିଜସ୍ୱ ଲକ୍ଷ୍ୟ ସ୍ଥିର କରିଛି" । ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ପରିବହନ କ୍ଷେତ୍ର ରେ ଅକ୍ଷୟ ଶକ୍ତି ର ପ୍ରଚଳନ ପାଇଁ ଅଭିନବ ଉପାୟ ଅବଲମ୍ବନ କରାଯିବା ସହିତ ଇଭି ଚାର୍ଜିଂ ଷ୍ଟେସନଗୁଡ଼ିକୁ ୧୦୦% ସବୁଜ ଶକ୍ତି ଯୋଗାଇ ଦିଆଯିବା ଆବଶ୍ୟକ ।" ଏହି ଅବସରରେ ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତ ପାଇଁ ନିଯୁକ୍ତ ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ ନିଜ ମତ ରଖିଥିଲେ । ସେ କହିଥିଲେ ଯେ, କୋଇଲା ସମୃଦ୍ଧ ରାଜ୍ୟ ହେବା ସତ୍ତ୍ୱେ, ଓଡ଼ିଶା ସରକାର ଅକ୍ଷୟ ଶକ୍ତି କ୍ଷେତ୍ରରେ ଯେଉଁଭଳି ଭାବେ ଅଗ୍ରସର ହୋଇଛନ୍ତି, ତାହା ପ୍ରଶଂସାଯୋଗ୍ୟ । କୋଭେଣ୍ଟ୍ରି ଭଳି ୟୁକେ ର କିଛି ସହର କୁ ଭୁବନେଶ୍ୱର ସହ ତୁଳନା କରି ସେ କହିଥିଲେ ଯେ, ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସହର ଠିକ ସମୟରେ ଶକ୍ତି ପରିବର୍ତ୍ତନ ଲକ୍ଷ ହାସଲ କରିପାରିବ । " ଏହି କର୍ମଶାଳାରେ ଶକ୍ତି ଏବଂ ପରିବହନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରାଯାଇଥିଲା , ଯେଉଁଥିରେ ଭୁବନେଶ୍ୱର ପାଇଁ ସବୁଜ ପରିବହନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଅଂଶଗ୍ରହଣକାରୀମାନେ ଭୁବନେଶ୍ୱର ପରିପ୍ରେକ୍ଷୀରେ ସହରସ୍ତରୀୟ ନେଟ୍-ଜିରୋ ରୋଡମ୍ୟାପ୍ ବିକାଶ ପାଇଁ ଥିବା ଚ୍ୟାଲେଞ୍ଜ ଏବଂ ସୁଯୋଗ ଉପରେ ଆଲୋଚନା କରିଥିଲେ । କର୍ମଶାଳାର ପ୍ରମୁଖ ବିଷୟ ଗୁଡିକ ମଧ୍ୟରେ ଥିଲା ସହରାଞ୍ଚଳ ପାଇଁ ନୀତି ପ୍ରସ୍ତୁତି ଓ ପ୍ରଯୁକ୍ତିବିଦ୍ୟା ଗ୍ରହଣରେ ୟୁକେର ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ଆଦାନପ୍ରଦାନ । ଭୁବନେଶ୍ୱରର ନେଟ୍-ଜିରୋ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ ଅଭିନବ ଆର୍ଥିକ ବ୍ୟବସ୍ଥା ଉପରେ ମଧ୍ୟ ଏଠାରେ ଆଲୋଚନା ହୋଇଥିଲା । ଶିଳ୍ପ ଡିକାର୍ବୋନାଇଜେସନ୍ ଏବଂ ସବୁଜ ହାଇଡ୍ରୋଜେନ୍ ପ୍ରୋତ୍ସାହନ ପାଇଁ ରଣନୀତି, ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା ଉପରେ ମଧ୍ୟ ଆଲୋଚନା ହେବା ସହ ସହରରେ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । କୋଭେଣ୍ଟ୍ରି ସିଟି କାଉନସିଲର ଶାମଲା ଗାଡଗିଲ୍ ଏବଂ ସେନେକ୍ସର ରବର୍ଟସ୍ ୟୁକେର ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କ ଭାବରେ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ , ଟେରି ର ମହାନିର୍ଦ୍ଦେଶକ ଡ. ବିଭା ଧାୱନ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଡକ୍ଟର ଦେବୀ ଦତ୍ତ ତ୍ରିପାଠୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ର ଅକ୍ଷୟ ଶକ୍ତି, ଶିଳ୍ପ ଡିକାର୍ବନାଇଜେସନ୍ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶରେ ବିଶେଷ ଭାବେ ସହାୟକ ହେବ ।

# ଓଡ଼ିଶାରେ ସକ୍ରିୟ ପଶ୍ଚିମବଙ୍ଗ ମାଫିଆ



## ଲୁଟି ନେଉଛନ୍ତି ୭୦% ବାଲି, ରାଜସ୍ୱ ହରାଉଛି ଓଡ଼ିଶା

ଭୁବନେଶ୍ୱର,୧୯/୩: ଓଡ଼ିଶାରେ ଏବେ ପଶ୍ଚିମବଙ୍ଗ ବାଲିମାଫିଆ ସକ୍ରିୟ । ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ଭାବେ ଉତ୍ତୋଳିତ ହେଉଥିବା ବାଲିରୁ ୭୦ ପ୍ରତିଶତ ପଶ୍ଚିମବଙ୍ଗ ମାଫିଆ ଲୁଟି ନେଉଛନ୍ତି । ଫଳସ୍ୱରୂପ ଓଡ଼ିଶା ବାର୍ଷିକ ପାଞ୍ଚଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଉଛି । ଆଜି ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠିଛି । ବେଧଡ଼କ ବାଲିଚୋରି ଯୋଗୁ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀ ଓ ନଦୀ ତଟବର୍ତ୍ତୀ ଅଞ୍ଚଳର ପରିବେଶ ମଧ୍ୟ ବଦଳି ଯାଉଛି । ଏ ଦିଗରେ ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନ ନେଲେ ସୁବର୍ଣ୍ଣରେଖା ନଦୀର ମୃତ୍ୟୁ ହେବାକୁ ଆଉ ଅଧିକ ଦିନ ଲାଗିବନି ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଜଳେଶ୍ୱର ତହସିଲ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀ ମଧ୍ୟରେ ପାଖାପାଖି ୨୫ଟି ବାଲି ଘାଟ ରହିଛି । ଏସବୁ ଘାଟଗୁଡ଼ିକ ହେଉଛି ମହମ୍ମଦନଗର ପାଟଣା (କ), (ଖ), (ଗ), (ଘ), ଚାଳନ୍ତି, କଣ୍ଟାପାଳ, ଶିଖରପୁର, ରିଭର ବ୍ଲକ୍(କ), (ଖ), ବାଲିକବାଡ଼, ପ୍ରହରାଜପୁର(କ),(ଖ), ଗୋବରଘାଟା, ମକ୍ରମପୁର, ସେକ୍‌ବାଡ଼, ରାୟାଁରାମଚନ୍ଦ୍ରପୁର, ସେକସରାଇ(କ), (ଖ), (ଗ), ମାକଡ଼ିଆ(କ), (ଖ), (ଗ), ବିଳାସପୁର, ଦକ୍ଷିଣ ପ୍ରହରାଜପୁର, ରାଜନଗର, ଡିହବେଲବାରିଆ ଓ ଗୋବର୍ଦ୍ଧନପୁର ସୈରାତ । ଏହି ସୈରାତ୍‌ଗୁଡ଼ିକ ପୂର୍ବରୁ ରାଜସ୍ୱ ବିଭାଗ ଅଧୀନରେ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରୁ ଏଥିମଧ୍ୟରୁ ୨୦ଟି ସୈରାତକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଜଳେଶ୍ୱରର ସୁବର୍ଣ୍ଣରେଖା ନଦୀରୁ ଉତ୍ତୋଳିତ ହେଉଥିବା ବାଲିରୁ ୭୦ ପ୍ରତିଶତ ପଡ଼ୋଶୀ ପଶ୍ଚିମବଙ୍ଗକୁ ବିଭିନ୍ନ ରାସ୍ତାଦେଇ ଚାଲାଣ କରାଯାଉଛି । ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଓ ପଶ୍ଚିମ ମେଦିନୀପୁର ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ବାଲି ଉପରେ ନିର୍ଭରଶୀଳ । ବାଲି ଉତ୍ତୋଳନ ପାଇଁ ନଦୀ ମଝିରେ ବନ୍ଧ ପକାଇ, ଅସ୍ଥାୟୀ କାଠ ପୋଲ ନିର୍ମାଣ କରି ନଦୀର ଜଳଧାରାକୁ ରୋକି ଦିଆଯାଉଛି । ସେହିପରି ଶହ ଶହ ବର୍ଷ ଧରି ନଦୀତଟବର୍ତ୍ତୀ ଗାଁଗୁଡିକୁ ବନ୍ୟା ଦାଉରୁ ସୁରକ୍ଷା ଦେଉଥିବା ନଦୀବନ୍ଧକୁ ବାଲି ପରିବହନ ପାଇଁ କାଟି ଦିଆଯାଉଛି । ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ବାଲି ଚୋରି ଉପରେ ରୋକ୍ ଲାଗିପାରୁନି । ସବୁଠାରୁ ବଡ଼ କଥା ବାଲି ଚୋରି ସମ୍ପର୍କରେ ଅଭିଯୋଗ ହେଲେ ପ୍ରଶାସନ ଚଢ଼ଉ ପାଇଁ ଯାଉଥିବା ଖବର ମାଫିଆମାନେ ଆଗୁଆ ପାଉଛନ୍ତି । ପଶ୍ଚିମବଙ୍ଗର ବାଲି ମାଫିଆମାନେ ଓଡ଼ିଶା ସୀମା ଭିତରୁ କିପରି ବାଲି ଉତ୍ତୋଳନ କରୁଛନ୍ତି, ସେହି ପ୍ରସଙ୍ଗରେ ଆଜି ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପ୍ରସଙ୍ଗକୁ ସରକାର ଗୁରୁତ୍ୱର ସହ ନେଇ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଉଭୟ ନେତା ଦାବି କରିଛନ୍ତି । ଏପରିକି ଜଳେଶ୍ୱର ବିଧାୟକ ଶ୍ରୀ ପାତ୍ର ବିଧାନସଭା ହାଉସ୍ କମିଟିକୁ ଜଳେଶ୍ୱରକୁ ଆସି ବାଲି ଉତ୍ତୋଳନ ବିଷୟରେ ଅନୁଧ୍ୟାନ କରିବାକୁ ଆମନ୍ତ୍ରଣ କରିଛନ୍ତି ।

# ଚନ୍ଦ୍ରପୁର ବ୍ଲକର ବରିଷ୍ଠ ସାମ୍ବାଦିକଙ୍କୁ ଏକାମ୍ର ପୁରସ୍କାରରେ ସମ୍ମାନିତ

**ଚନ୍ଦ୍ରପୁର ୧୯/୩(ନି.ପ୍ର):** ଓଡ଼ିଶାର ଅଗ୍ରଣୀ ସାମାଜିକ ସଂସ୍କୃତିକ ଅନୁଷ୍ଠାନ ହାପି ମମେଣ୍ଟ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଏବଂ ନାଗରିକ ସମ୍ମାନ ସମାରୋହ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ମହା ଆଡ଼ମ୍ବରର ସହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଆନୁଷ୍ଠାନିକ ପ୍ରତିଷ୍ଠାତା , ଶ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ରାଜ୍ୟ ପ୍ରତିନିଧି ପ୍ରଦୀପ ଚୈଧୁରୀ ,ଡଃ ଶ୍ରୀ ଅରୁଣ କୁମାର ପାଣି , ସୈଦାମିନି ଦାସ , ହୃଦାନନ୍ଦ ସାସମଲ , ଅକ୍ଷୟ ନାୟକ , ଏବଂ ବିଜୟ ପ୍ରସାଦ ଉଲ୍ଲାକା , ସସ୍ମିତା ସାହୁ, ଜୟ ଶ୍ରୀ ମୁଦ୍ରା ଙ୍କ ସହଭାଗିତା ଖୁବ୍ ସୁନ୍ଦର ଭାବରେ ଆୟୋଜିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ, ଭୁବନେଶ୍ୱର ( ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ କୁମାର ଜେନା ) ଏକାମ୍ର ଅଞ୍ଚଳର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ , ଅର୍ଜନ ପୁରସ୍କାର ପ୍ରାପ୍ତ, ଶ୍ରୀମତୀ ମିନତି ମହାପାତ୍ର , ସମାଜ ସେବୀ ବନ୍ଦନା ମହାପାତ୍ର ଏବଂ ହାପି ମମେଣ୍ଟ ରାଜ୍ୟ ପ୍ରମୁଖ ତଥା ବରିଷ୍ଠ ସମାଜ ସେବୀ ସସଦର ପଣ୍ଡା ଯୋଗଦାନ କରି ବିକାଶତ ଭାରତ ବର୍ଷର ଗଠନ ରେ ନାଗରିକ ଙ୍କ କର୍ତ୍ତବ୍ୟ କର୍ତ୍ତବ୍ୟବୋଧ ତା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟ କ୍ରମ ମଧରେ ମୂଖ୍ୟ ଆକର୍ଶଷଣୀୟ ଶିଶୁ କଳାକାର ମାନଙ୍କ ଦ୍ୱାରା ନୃତ୍ୟ , ସଙ୍ଗୀତ , ପରିବେଷଣ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ମଧରେ ସ୍ନେହା ମିଶ୍ର, ବିଶ୍ୱନାଥ ଶବର , କଳ୍ପନା ମହାପାତ୍ର, ଅରୁଣ ପାଣି , ସୁଭଦ୍ରା ପ୍ରଧାନ ବନବିଭାଗ ବନରକ୍ଷୀ କୁନି କୁସୁଲିଆ, ଧନେଶ୍ୱରୀ ପାତ୍ର, ଚନ୍ଦା ଚରଣ ପାଣିଗ୍ରାହୀ, ପ୍ରଭାତ ଏଞ୍ଜିୟର ସେକେରେଟାରି ଡଃ ସୁରେଶ




କୁମାର ମିଶ୍ର , ପ୍ରଣୟ ସ୍ୱାଇଁ ,ପାର୍ଥ ରାଉତ ,ଗତାଞ୍ଜଳି ମହାପାତ୍ର , ଲଳିତେନ୍ଦୁ , ରବିନ୍ଦ୍ର ମହାପାତ୍ର , ତନୁଜା ସତପଥି, କବିତା ପାତ୍ର, ନିଜରା ପ୍ରତିଭା ପ୍ରତିପାଦନ କରିଥିଲେ। କାର୍ଯ୍ୟ କ୍ରମ ର ଦ୍ୱିତୀୟ ଓ ଶେଷ ପର୍ଯ୍ୟାୟ ରେ ଓଡ଼ିଶାର ୨୪ ଜିଲ୍ଲା ର ୧୨୮ ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ମଞ୍ଚ ଉପରେ ପୁଷ୍ପଗୁଚ୍ଛ ମାନ ପତ୍ର ଉତ୍ତରୀୟ ଏବଂ ଟ୍ରଫି ଦେଇ ଏକାମ୍ର ପ୍ରତିଭା ରତ୍ନ ସମ୍ମାନରେ ସମ୍ମାନୀତ କରିବା ସହ ଓଡ଼ିଶ ଜାତି ଗର୍ବ ଓ ଗୌରବ ରଖିବା ପାଇଁ ସପଥ ବଧ କରାଯାଇଥିଲା। ଉଭୟ ବିଧାୟକ ଏବଂ ଅନ୍ୟ ଅତିଥି ଗଣ ହାପି ମମେଣ୍ଟ ଏହି ପ୍ରଶଂସା କୁ ସାଧୁବାଦ ଜଣାଇଥିଲେ। ଓ ନିଜେ ଆନନ୍ଦ ରେ ରହିବା ଏବଂ ସମାଜରେ ଆନନ୍ଦ ବିସ୍ତାର କରିବା ମୂଳ ଲକ୍ଷ ନେଇ କାମ କରୁଥିବା ଅନୁଷ୍ଠାନ ହାପି ମମେଣ୍ଟ ଇଣ୍ଡିଆ ଆବଳା ବୃଦ୍ଧ , ବୃଦ୍ଧା ବନିତା ଙ୍କର ମୂଖ୍ୟ ସ୍ଥାନ ସୃଷ୍ଟି କରିପାରିଛି। ଏହି କାର୍ଯ୍ୟକ୍ରମ ରେ ନମ୍ରତା ମହାନ୍ତି , ସଂଯୋଜନା କରିଥିଲାବେଳେ ଦକ୍ଷିଣ ଓଡିଶାର ରାଜ୍ୟ ପ୍ରତିନିଧି ଶ୍ରୀ ପ୍ରଦୀପ ଚୈଧୁରୀ , ସହାୟକ ଭାବରେ କାର୍ଯ୍ୟରତ ଥିଲେ। ଶେଷରେ ସମସ୍ତେ ମିଶି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଶେଷରେ ପ୍ରତିଷ୍ଠାତା ଶ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଧନ୍ୟବାଦ୍ ଅର୍ପଣ କରୁଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତି ପାଇ ଅଞ୍ଚଳ ପାଇଁ ଗୌରବ ଆଣିଲେ ସତୀଶ

**ଦଶରଥପୁର ୧୯/୩(ନି.ପ୍ର):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ସୌମେନ୍ଦ୍ର ପରିଡ଼ା ଓ ସବିତା ପରିଡ଼ାଙ୍କ ପୁତ୍ର ସତୀଶ ପରିଡ଼ା ପଠାଣି ସାମନ୍ତ ମେଧାବୃତ୍ତି ପାଇଥିବାରୁ ଗ୍ରାମରେ ଖୁସିର ଲହରୀ ଖେଳି ଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷା ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାରୁ ପ୍ରକାଶ ସତୀଶ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବରିଷ୍ଠ ଆଇନଜୀବୀ ବୈକୁଣ୍ଠନାଥ ପରିଡ଼ାଙ୍କ ନାତି ଅଟନ୍ତି। ବର୍ତ୍ତମାନ ସେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ସେ ଦେଖିବାକୁ ଯେମିତି ଶାନ୍ତ ,ସରଳ ପାଠ ପଢ଼ାରେ ମଧ ସେମିତି ଧୁରନ୍ଧର। ଜଣେ ମେଧାବୀ ଛାତ୍ର ହୋଇଥିବାରୁ ଅଂଚଳରେ ତାଙ୍କୁ ସମସ୍ତେ ଖୁବ ଶ୍ରଦ୍ଧା କରନ୍ତି। ବିଦ୍ୟାଳୟରେ ପ୍ରଥମ ଥର ପାଇଁ ସେ ପଠାଣି ସାମନ୍ତ ମେଧାବୃତ୍ତି ପାଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗ୍ରାମବାସୀ ମାନେ ଖୁସି ପ୍ରକଟ କରିଛନ୍ତି।କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିବାର ଲୋକଙ୍କ ଉଦ୍ୟମ ଯୋଗୁ ସତୀଶ ଏ ସଫଳତା ପାଇଛନ୍ତି ବୋଲି ନିଜ ପତିକ୍ରିୟାରେ କହିଛନ୍ତି।

## ସୋରଡ଼ ୟୁ.ପି.ସ୍କୁଲରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ

**ବୁଗୁଡା ୧୯/୩(ନି.ପ୍ର):** ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୋରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ସାହୁ ଅଧକ୍ଷତା କରଥିଲେ। ଏହି କାର୍ଯ୍ୟକ୍ରମରେ ଏ.କରଡାବାଡି ପଞ୍ଚାୟତର ସରପଞ୍ଚ ରିଙ୍କି ଦାସ ମୁଖ୍ୟ ଅତିଥି ଏବଂ ସିଆରସିସି ସନ୍ତୋଷ କୁମାର ଡାକୁଆ, ଓ ନରସିଂହ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଳିୟ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢିବା ସହିତ ସଂସ୍କୃତି ଓ ପରମ୍ପରା ସଂପର୍କରେ ଅବଗତ କରାଇଥିଲେ। ଏଥିରେ ବହୁ ଅଭିଭାବକ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଡାକ୍ତର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ ରେ ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟ୍‌ଘାଟ୍

**ବାଲିଗୁଡା ୧୯/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ମା' ପାଟ୍ଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖ ଗୁରୁବାର ଦିନ ମହାଡ଼ମ୍ବର ସହକାରେ ଆମ ସଂସ୍କୃତି, ପ୍ରଥା ଓ ପରମ୍ପରାର ଯାତ୍ରା ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟ୍ ?ଘାଟ୍- ୨୦୨୫ ମା' ପାଟ୍ଟଖଣ୍ଡା ଦୁର୍ଗାପୂଜା ମଣ୍ଡପ ପରିସରରେ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେବ । ଉକ୍ତ ପାରମ୍ପରିକ ଯାତ୍ରାରେ ମୁଖ୍ୟ ଅତିଥି ରୁପେ ସ୍ଥାନୀୟ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ସମ୍ମାନୀତ ଅତିଥି ରୁପେ ବାଲିଗୁଡ଼ା ମୁଠା ମୁଖ୍ୟ ଓ ନୂଆସାହି ମୁଠା ମୁଖ୍ୟ ଯୋଗଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ୨୦ ତାରିଖ ଗୁରୁବାର ମଧାହ୍ନ ୧ ଘଟିକାରେ ବାଲିଗୁଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ପାଟ୍ଟଖଣ୍ଡାଙ୍କ ନିକଟରେ କାନ୍ଦୁଲ ଭଜା ଯାତ୍ରା, ଅପରାହ୍ନ ୨ ଘଟିକା ରେ ଭେଟ୍ ?ଘାଟ୍ ଓ ସନ୍ଧ୍ୟା ୬ ଘଟିକା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶସ୍ତି ପତ୍ର ପ୍ରଦାନ କରାଯିବ ଏବଂ ରାତ୍ର-୯ ଘଟିକାରେ ମା' ପାଟ୍ଟଖଣ୍ଡା ମନ୍ଦିର ପ୍ରାଙ୍ଗଣ କଲ୍ୟାଣ ମଣ୍ଡପ ରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା ରହିଛି କ୍ଷ ଏଣୁ ଏହି ଯାତ୍ରାକୁ ସରସ, ସୁନ୍ଦର ଓ ସ୍ମରଣୀୟ କରିବା ସହ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

## ପିକକ୍ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ତାଲିମ



**ପାଟଣା ୧୯/୩(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପିକକ ସଙ୍ଗଠନ ସଭାଗୃହ ଠାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନଙ୍କ ପାଇଁ ଆଜି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛି । ପିକକ୍ ର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନଙ୍କୁ ତାଲିମ ଶିବିରର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକ୍ରମ ଆଦି ବିଷୟରେ ସବିଶେଷ ସୂଚନା ଦେଇଥିଲେ । ଉକ୍ତ ତାଲିମ ଶିବିରରେ ପାଟଣା ଓ ଘଟଗାଁ ବ୍ଲକର ୨୫ ଟି ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟିର ପ୍ରାୟ ୫୦ ଜଣ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ। ଏହି ଅବସର ରେ ବିଦ୍ୟାଳୟ ପରିଚାଳନା କମିଟି ପ୍ରଶିକ୍ଷକ ସନ୍ତୋଷ ନାଏକ ଉପସ୍ଥିତ ଥିବା କମିଟି ର ସଦସ୍ୟ ଓ ସଦସ୍ୟା ମାନଙ୍କୁ କମିଟିର ଗଠନ, ସଦସ୍ୟ ଚୟନ, କମିଟିର କାର୍ଯ୍ୟ, କମିଟିର ଦାୟିତ୍ୱ ଓ ସଦସ୍ୟ ମାନଙ୍କର ଦାୟିତ୍ୱ ଆଦି ବିଷୟରେ ଆଲୋଚନା କରିଥିଲେ । ଏହାପରେ ଶ୍ରୀ ନାୟକ ବିଦ୍ୟାଳୟରେ ପରିଚାଳନା କମିଟିର ଆବଶ୍ୟକତା, ବିଦ୍ୟାଳୟ ଉନ୍ନୟନ ଯୋଜନା ଓ ବିଦ୍ୟାଳୟର ଆର୍ଥିକ ପରିଚାଳନା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଲେ। ସତ୍ୟନାରାୟଣ ମହାନ୍ତ ଓ ଝସକେତନ ମହାନ୍ତ ସଦସ୍ୟ ମାନଙ୍କ ମଧରେ ଦଳଗତ ଆଲୋଚନାକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ଓ ସଦସ୍ୟା ମାନେ ଚାରୋଟି ଦଳରେ ବିଭକ୍ତ ହୋଇ ସେମାନେ ବିଦ୍ୟାଳୟ ପରିଚାଳନା କମିଟିର ବାର୍ଷିକ ଯୋଜନା ପ୍ରସ୍ତୁତ କରି ଏହାକୁ ସମସ୍ତଙ୍କ ସାମ୍ନା ରେ ଉପସ୍ଥାପନା କରିଥିଲେ । ବିଦ୍ୟାଳୟ ବିଦ୍ୟାର ମନ୍ଦିର ଏହି ଧାରାରେ ବିଦ୍ୟାଳୟର ପରିମଳ ବ୍ୟବସ୍ଥା , ବିଦ୍ୟାଳୟ ର ସୌନ୍ଦର୍ଯ୍ୟକରଣ, ବିଦ୍ୟାର୍ଥୀ ବା ଶିଶୁ ଅନୁକୂଳ ପରିବେଶ ଓ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସୁପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ଦାୟିତ୍ୱ ଆଦି ଆଲୋଚନା ହୋଇଥିଲା । ପିକକ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ସମ୍ପାଦିକ ରଞ୍ଜନ କୁମାର ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ପିକକ ର ଦ୍ରୌପଦୀ ବେଜ୍, ସୁନେଲି ନାୟକ, ମେଘମାଳା ମହାନ୍ତ , ସୁଚିତ୍ରା ମହାନ୍ତ ଓ ଲକ୍ଷ୍ମୀକାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

## ବନାଞ୍ଚଳ ସ୍ତରୀୟ ନିଆଁ ନିୟନ୍ତ୍ରଣ ସଚେତନତା ଶିବିର

**ପାଟଣା ୧୯/୩(ନି.ପ୍ର):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ କେନ୍ଦୁଝର ବନଖଣ୍ଡ ସୌଜନ୍ୟ ରୁ ପାଟଣା ବ୍ଲକ ସଭାଗୃହରେ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଙ୍କ ସଭାପତିତ୍ୱ ରେ ଆଜି ବନାଞ୍ଚଳ ସ୍ତରୀୟ ନିଆଁ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହେବାସହ ବନସୁରକ୍ଷା ସମିତି ସମୁହ ଙ୍କ ବୈଠକ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସହକାରୀ ବନ ସଂରକ୍ଷକ କେ . ନାଗରାଜୁ,ସାଂସଦ ଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ମହାନ୍ତ, ଜିଲାପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ପାଟଣା ଜିପିଡ଼ିଓ ରଶ୍ମିରେଖା ମହାନ୍ତି,ସାହାରପଡା ଜିପିଡ଼ିଓ ଅନ୍ତର୍ଯ୍ୟାମୀ ସେଠୀ, ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ପାଟଣା ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ ଓ ପ୍ରକୃତି ବନ୍ଧୁ ନୃସିଂହ ନାଥ ସିଂହ ପ୍ରମୁଖ ଯୋଗ ଦେଇଥିଲେ।ସାହାରପଡା ବନପାଳ ଭୂପତି କୁମାର ସେଠୀ ଓ ଟିମ ଲିଡର ରଣଜିତ ପଲେଇ କାର୍ଯ୍ୟକ୍ରମ ର ସଂଯୋଜନା କରିଥିବା ବେଳେ ବନ ଗବେଷକ ସୁବ୍ରତ ବିଶ୍ୱାଳ ଦୃଶ୍ୟ ଶ୍ରାବ୍ୟ ଜରିଆରେ ବନାଗ୍ନି ନିରାକରଣ, ବନ ସୁରକ୍ଷା, ଉଜୁଡା ଜଙ୍ଗଲ ପୁନଉଦ୍ଧାର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।ଅତିଥି ବକ୍ତା ଗଣ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ପରିବେଶ ପ୍ରେମୀ, ବୁଦ୍ଧିଜୀବୀ ଓ ବନସୁରକ୍ଷା ସମିତି ସଦସ୍ୟ ମାନଙ୍କୁ ଜଙ୍ଗଲରେ ନିଆଁ ଲଗାଇବାକୁ ବାରଣ କରିବା ଆଦି ସଚେତନତା ବାର୍ତ୍ତା ଦେଇଥିଲେ।କାର୍ଯ୍ୟକ୍ରମ ରେ ପାଟଣା ବନପାଳ ପିଅନ ନାଏକ,ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ବନରକ୍ଷୀ ଦୀପକ ରଣା, ରଞ୍ଜିତା ମହାନ୍ତ, ଡ଼ଲିରାଣୀ ସାହୁ,ଲକ୍ଷ୍ମୀପ୍ରିୟା ମହାନ୍ତ, ଦେବଜାନୀ ମହାନ୍ତ, ଓ ତାପସ୍ୱିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ପାଟଣା ବ୍ଲକ ର ସରପଞ୍ଚ ମାନେ ବନ୍ୟ ବିଭାଗ ବନାଞ୍ଚଳ ରେ ଉନ୍ନୟନ କାର୍ଯ୍ୟ ରେ ବାଧକ ସୃଷ୍ଟି କରୁଥିବା ଅଭିଯୋଗ ଆଣି କାର୍ଯ୍ୟକ୍ରମ କୁ ବର୍ଜନ କରିଥିଲେ।

## ସଂସଦରେ ରେଳ ହକ ମାଗିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ

**ପାଟଣା ୧୯/୩(ନି.ପ୍ର):** ଆଜି ସଂସଦ ରେ ରେଳ ବିଭାଗ ସମ୍ପର୍କିତ ଜିଲ୍ଲାର ହକ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ନାୟକ। ହାଓଡା – ବଡବିଲ ଜନ ଶତାବ୍ଦୀ ଏକ୍ସପ୍ରେସକୁ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ବର୍ତ୍ତମାନ ସଂଯୋଗ ନଥିବା କାରଣରୁ ଲୋକ ମାନେ ହଇରାଣ ହେଉଛନ୍ତି । ତେଣୁ ଏହି ଟ୍ରେନକୁ କେନ୍ଦୁଝର ପର୍ଯ୍ୟନ୍ତ ସଂପ୍ରସାରିତ କରାଯିବାକୁ ସେ ଦାବି ରଖିଛନ୍ତି । ପୁରୀ- ବଡବିଲ ଟ୍ରେନକୁ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀ ଏକ୍ସପ୍ରେସ ଭାବେ ନାମିତ କରାଯିବା , ପୁରୀ – ବଡବିଲ ଏକ୍ସପ୍ରେସରେ ଏସି କୋଚ ସଂଖ୍ୟା ବୃଦ୍ଧି କରାଯିବା , କେନ୍ଦୁଝର ରୁ ଧାମରା ବନ୍ଦର କୁ ହେଉଥିବା ଖଣିଜ ପରିବହନ ସିଧା ସଳଖ ଆନନ୍ଦପୁର ଦେଇ ସଂଯୋଗ କରିବା ସହିତ ମା ତାରିଣୀ ମନ୍ଦିର ଘଟଗାଁ କୁ ରେଳ ସଂଯୋଗ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ସାଂସଦ ଅନନ୍ତ ନାୟକ। କେନ୍ଦ୍ରରେ ମୋଦୀ ସରକାର ଆସିବା ପରେ ଜିଲ୍ଲାରେ ରେଳ ସଂଯୋଗୀ କରଣ ସହିତ ଆଧୁନିକରଣ ତଥା ନୂତନ ଟ୍ରେନ ମିଳିଥିବାରୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କୁ ସାଂସଦ ଶ୍ରୀ ନାଏକ ଧନ୍ୟବାଦ ଜଣାଇଛନ୍ତି।

## ଦୁଇ ରାଜମିସ୍ତ୍ରୀଙ୍କ ମଧ୍ୟରେ ଠେଲା ପେଲା , ଜଣେ ମୃତ

**ପାଟଣା ୧୯/୩(ନି.ପ୍ର):** ପାଟଣା ଉପ ଡାକଘର ପଛପଟେ ଜନୈକ ବ୍ୟକ୍ତିଙ୍କ ଘର ପାଖରେ ଏକ ପାଇଖାନା ଟାଙ୍କି ନିର୍ମାଣ କରୁଥିବା ୨ ଜଣ ପଶ୍ଚିମବଙ୍ଗ ମୁର୍ସିଦାବାଦ ବାସିନ୍ଦା ରାଜମିସ୍ତ୍ରୀ ଙ୍କ ମଧରେ ଗତକାଲି ଝଗଡା ଓ ଠେଲା ପେଲା କାରଣ ରୁ ଜଣେ ରାଜମିସ୍ତ୍ରୀ ପ୍ରାଣ ହରାଇଛନ୍ତି । ମୃତକ ମୁର୍ସିଦାବାଦର ଅନିକୁଲ ଶେଖ (୪୦) ବୋଲି ଜଣାପଡିଛି । ଗତକାଲି ତାଙ୍କ ସହ ମୁର୍ସିଦାବାଦର ରେଜାଉଲ ଶେଖ (୩୫) ଝଗଡା କରିବା ସହ ଅନିକୁଲ୍ କୁ ପାଇଖାନା ଟାଙ୍କି ଭିତରକୁ ଠେଲି ଦେଇଥିଲେ । ମୁଣ୍ଡରେ ଗଭୀର ଆଘାତ କାରଣରୁ ଅନିକୁଲଙ୍କୁ ପ୍ରଥମେ ପାଟଣା ଓ ସେଠାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା । ଗତରାତି ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଅନିକୁଲର ମୃତ୍ୟୁ ଘଟିଛି । ଏନେଇ ପାଟଣା ଥାନାରେ ୫୧/୨୦୨୫ ମୂଳେ ମାମଲା ରୁଜୁ କରି ଏସ . ଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଥିବା ବେଳେ କେନ୍ଦୁଝରରେ ମୃତକର ଶବ ବ୍ୟବଚ୍ଛେଦ କରାଇଛନ୍ତି।ଅଭିଯୁକ୍ତ ରେଜାଉଲ କୁ ପୁଲିସ ଅଟକ ରଖି ପଚରା ଉଚୁରା କରୁଥିବା ଥାନାଧିକାରୀ ମାନସ କୁମାର ମହାକୁଳ ଙ୍କ ଠାରୁ ପ୍ରକାଶ ।


## ୧୫ ରୁ ଉର୍ଦ୍ଧ୍ୱ ଟ୍ରକ୍ ମାଲିକଙ୍କ ଠାରୁ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଲେ ଯୁବତୀ



**ଓଡ଼ପଡ଼ା /ହିନ୍ଦୋଳ ୧୯/୩(ନି.ପ୍ର):** ଅର୍ଥ ଫେରସ୍ତ ନକରିବାରୁ ଠକାମୀର ଶିକାର ମାଲିଙ୍କ ପକ୍ଷରୁ ଥାନାରେ ଏତଲା, ବାଲିମି ପୋଲିସ ଦ୍ୱାରା ସଂପୃକ୍ତ ଯୁବତୀ ଥାନାରେ ଅଟକ, ହିନ୍ଦୋଳ ୧୭-୦୩-୨୫- ଏକ ଅଭିନବ ଠକେଇ ଜରିଆରେ ୨/୩ ଜଣ ସହଯୋଗୀଙ୍କ ସହାୟତାରେ ଜଣେ ସୁନ୍ଦରୀ ଯୁବତୀ ମାଇନସରୁ କୋଇଲା ପରିବହନ ଓ କମ୍ପାନୀ ମାନଙ୍କରୁ ଆଇରନ ପେଲେଟ୍, ପାଉଁଶ ଇତ୍ୟାଦିକୁ ପାରାଦୀପ ପୁଟକୁ ଟ୍ରକ୍ ଯୋଗେ ପରିବହନ କରିବାକୁ ଚୁକ୍ତି ନାମା କରିଥିବା ଟ୍ରକ ମାଲିକଙ୍କୁ ପଇସା ନଦେଇ ବରଂ ସେମାନଙ୍କ ଠାରୁ ହାତ ଉଦ୍ଧକ୍ଷରି ପଇସା ନେଇ ଠିକ୍ ଭାବେ ଫେରସ୍ତ ନକରିବାରୁ ଶେଷରେ ସଂପୃକ୍ତ ଟ୍ରକ୍ ମାଲିକ ମାନେ ତାଳଚେର କଲିୟରି ପୋଲିସ ଥାନା, ବଲିମି ଥାନା ସମେତ ଅନ୍ୟ କେତେକ ଥାନାରେ ସଂପୃକ୍ତ ଯୁବତୀ ବିରୋଧରେ ଲିଖିତ ଭାବେ ସଙ୍ଗିନୀ ଅଭିଯୋଗ କରିଥିଲେ। ତେବେ ତାଳଚେର ପୋଲିସ୍ ପକ୍ଷରୁ ଏହି ଘଟଣାକୁ ଗୁରୁତ୍ୱ ଦିଆ ନଯିବାରୁ ବଲିମି ପୋଲିସ କୌଣସି ପ୍ରକାରେ ଘଟଣାର ଛାନଭିନ କରି ଚଞ୍ଚକଟା ଦେଖାଇ ଠକ ସୁନ୍ଦରୀ ଯୁବତୀଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛି। ସୂଚନା ଅନୁସାରେ ଉକ୍ତ ଯୁବତୀ ସନ୍ତୋସି ମହାନ୍ତି (ଇସା) ଙ୍କ ଘର ଭୁବନେଶ୍ୱର ପାତ୍ର ପଡାରେ ହୋଇ ଥିବା ବେଳେ ସେ କୁଆଡେ ତାଳଚେରରେ ଭଡ଼ାରେ ରହୁ ଥିଲେ। ତାଙ୍କର ଭଞ୍ଜ ନଗର ବ୍ରହ୍ମ ପୁରର ବିନୟ କୁମାର ଦାସଙ୍କ ସହ ଘନିଷ୍ଠ ସମ୍ପର୍କ ରହି ଥିଲା। ତାଙ୍କ ଜରିଆରେ ଢେଙ୍କାନାଳ ମହାବୀର ବଜାରର ସିତେଶ ପ୍ରଧାନ, ତାଳଚେର କଣିହାଁ ଥାନା ବଡ ତିବିଡା ଗ୍ରାମର ସୁବ୍ରତ ବେହେରା ଓ ଅନ୍ୟ ଜଣେ କଣ୍ଟାପାଳ ଅଞ୍ଚଳର ଗୀତା ରାଣୀ ବେହେରାଙ୍କ ସହିତ ଦୈନିକ ୧୦ ହଜାର ଏବଂ ମାସକୁ ୩ ଲକ୍ଷ ଟଙ୍କା ପୈଠ କରିବାର ଚୁକ୍ତି କରି ସେମାନଙ୍କର ହାଇୱା ଓ ଟ୍ରକକୁ ପରିବହନ କାର୍ଯ୍ୟରେ ଲଗାଇ ଥିଲେ। ଏଥିସହ ଚୁକ୍ତି ନାମା ଅନୁସାରେ ଟନ ପିଛା ୮୫ ଟଙ୍କା ଲେଖାଏଁ ଦେବାକୁ କହି ଥିଲେ। ଏପରିକି ଢେଙ୍କାନାଳର ଶିତେଶ ଙ୍କ ଠାରୁ ତିନୋଟି କ୍ଷେପରେ ୫୦ ହଜାର, ୩୨ ହଜାର ଓ ୮ହଜାର ଟଙ୍କା ହାତ ଉଦ୍ଧକ୍ଷରି ନେଇ ବହୁ କଷ୍ଟରେ ୩୨ ହଜାର ଟଙ୍କା ସୁଜି ଥିଲେ। ସବୁ କ୍ଷେତ୍ରରେ ଖିଲାପି କରି ସଂପୃକ୍ତ ୩ ଜଣକ ସମେତ ସମୁଦାୟ ୧୫ ଜଣଙ୍କୁ ଦେଢ଼ କୋଟି ଟଙ୍କାର ଠକେଇ କରି ରାଣୀ ମହୁମାଛି ସାଜି ଥିବା ଉକ୍ତ ଯୁବତୀଙ୍କୁ ବଲିମୀ ପୋଲିସ୍ ଅଟକ ରଖି ଅଧିକ ତଥ୍ୟ ହାସଲ ପାଇଁ ପଚରା ଉଚରା ଜାରି ରଖିଥିବା ଜଣା ପଡ଼ିଛି। ଯୁବତୀଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ଅଭୟ ମହାନ୍ତି ଓ ବବଲି ମାଡ଼ାମ ଏହି ଘଟଣାରେ ଅନ୍ୟତମ ସଂପୃକ୍ତ ସହଯୋଗୀ ବୋଲି ଆଜି ଅଭିଯୋଗ କାରୀ ଶିତେଶ ପ୍ରଧାନ ଓ ସୁବ୍ରତ ବେହେରା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# କୃଷି ଉତ୍ପାଦକ ସଙ୍ଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ବୈଠକ

**ଗୁଣପୁର,୧୯/୩(ନି.ପ୍ର):** ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଜିଲ୍ଲା ସ୍ତରୀୟ କୃଷି ଉତ୍ପାଦକ ସଙ୍ଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଦ୍ୱିତୀୟ ଥର ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ସାମଲ ଡିଡିଏମ୍ ନାବାର୍ଡ ଯୋଗଦେଇ ତୁଳସୀରେ ଜଳଦାନ ଓ ପ୍ରଦୀପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରିଥିଲେ । ନାବାର୍ଡ କୃଷି ଉତ୍ପାଦକ ସଙ୍ଗଠନକୁ କିପରି ସହାୟତା କରିପାରିବ ଓ ସଙ୍ଗଠନ କିପରି ସହଜରେ ସମସ୍ତଙ୍କ ପାଖରେ ପହଞ୍ଚି ପାରିବେ ସେ ବିଷୟରେ ନିଜ ଅଭିଭାଷଣରେ କହିଥିଲେ । ସମ୍ମାନୀତ ଅତିଥି ଭାବେ ମନୋଜ କୁମାର ପାତ୍ର ଓରମାସ୍ ରାୟଗଡ଼ା ଯୋଗଦେଇ ଉତ୍ପାଦର ବଜାରିକରଣ କିପରି କରାଯିବ ଓ ଚାଷି କିପରି ଭଲ ଦୁଇ ପଇସା ପାଇପାରିବ , ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ ଏବଂ ବଜାରିକରଣ ବେଳେ ଯଦି କୌଣସି ସହଯୋଗ ଆବଶ୍ୟକ ପଡେ ତେବେ ଓରମାସ୍ ସହଯୋଗ କରିବ ବୋଲି କହିଥିଲେ । ଦୟାନିଧି ରାଉତ ଡିଡିଏଚ୍ ରାୟଗଡ଼ା ବିଭିନ୍ନ କର୍ମଶାଳା ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ



ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ । ବୃନ୍ଦାବନ ବେହେରା ଏଡିଓ ଗୁଣପୁର ମୃତ୍ତିକା ପରିକ୍ଷା , ବିହନ ବିଶୋଧନ , ବିହନ ବଣ୍ଟନ ସହ ବିଭିନ୍ନ ସରକାରୀ ଯୋଜନା ଏହି ସଙ୍ଗଠନ ମାଧ୍ୟମରେ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଡଃ ଆଲୋକ କୁମାର ଆଚାର୍ଯ୍ୟ ଏସ୍ ଡି ଭି ଓ ଗୁଣପୁର ଗୃହପାଳିତ ପଶୁ ପକ୍ଷୀ ପାଳନ ସହ , କୁକୁଡ଼ା ଚିଆ ଉତ୍ପାଦନ , କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ଓ ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇଥିଲେ । ସୁସ୍ମିତା ମହାନ୍ତି ବୈଜ୍ଞାନିକା ଓ ମୂଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ଗୁଣପୁର ଯୋଗଦେଇ ଚାଷୀ ଉତ୍ପାଦକ ସଙ୍ଗଠନର କାର୍ଯ୍ୟ ଶୈଳୀ , ପରିଚାଳନା , ବ୍ୟାଙ୍କ ଲୋନ୍ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ମଞ୍ଚାସିନ ଅତିଥି ମାନେ ଏଫ୍ ପି ଓ ପଞ୍ଜିକରଣ ଠାରୁ ଆରମ୍ଭ କରି ବୋର୍ଡ ମେମ୍ବର ଚୟନ , ବିହନ , ଔଷଧ , ସାର ଚାଷୀଙ୍କୁ ଯୋଗାଇବା ଠାରୁ ଚାଷିର ଉତ୍ପାଦିତ ସାମଗ୍ରୀର ବଜାରିକରଣ ପର୍ଯ୍ୟନ୍ତ ସମସ୍ତ ବିଷୟ ସିଇଓ , ସ୍ୱିଓ ର ପ୍ରତିନିଧି ଓ କୃଷି ଉତ୍ପାଦକ ସଙ୍ଗଠନର ସହାୟକ ମାନଙ୍କୁ ବୁଝାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲ୍ଲାର ବିଭିନ୍ନ କୃଷି ଉତ୍ପାଦକ ସଙ୍ଗଠନର ସିଇଓ , ସିବିବିଓ , ସଙ୍ଗଠନର ସହାୟକ ମାନେ ବହୁ ମାତ୍ରାରେ ଯୋଗଦେଇଥିଲେ । ଓରମାସର ଅଧିକାରୀ କୃଷି ଉତ୍ପାଦକ ସଙ୍ଗଠନ ଦ୍ୱାରା ଚାଷି ଟିଏ କିପରି ଘରେ ବସି ରିହାତି ଦରରେ କୃଷି ଉପକରଣ ପାଇପାରିବ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରିବ ସେ ସମ୍ବନ୍ଧରେ ବୁଝାଇଥିଲେ । ସରକାରଙ୍କ ତରଫରୁ କ'ଣ ସବୁ ସହାୟତା ରହିଛି ସେ ସମ୍ପର୍କରେ ମଧ ଅବଗତ କରାଇଥିଲେ । କେଉଁ ଉପାୟ କଲେ କୃଷି ଉତ୍ପାଦକ ସଙ୍ଗଠନକୁ ଶକ୍ତିଶାଳୀ କରିହେବ ଓ ବହୁ ବର୍ଷ ଯାଏଁ ସଙ୍ଗଠନ ଚାଲିବ ସେ ଗୁରୁମନ୍ତ୍ର ମଧ ଅତିଥି ମାନେ କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାଜୀବ ଟୁଡୁ ଅତି ସୁନ୍ଦର ଭାବେ ବୈଠକଟିକୁ ପରିଚାଳନା କରିଥିଲେ ? ତେବେ ଅତିଥି ମାନଙ୍କ ଗୁରୁମନ୍ତ୍ର, କୃଷି ଉତ୍ପାଦକ ସଙ୍ଗଠନକୁ କେତେ ସହାୟକ ହେଉଛି ଦେଖିବାକୁ ବାକି ରହିଲା ।

## ଆକ୍ସନ ମୁଡରେ ତହସିଲଦାର, ୪ ଇଟାଭାଟିରୁ ୯ ଲକ୍ଷ ଟଙ୍କା ଜରିମାନା

**ବୁଗୁଡା , ୧୯/୩(ନି.ପ୍ର):** ଗଞ୍ଜାମ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଆକ୍ସନ ମୁଡରେ ଗଞ୍ଜାମ ଜିଲ୍ଲାର ବୁଗୁଡା ତହସିଲଦାର ତାପସ ରାଉତ। ଇଟା ମାଫିଆ ଠାରୁ ଆରମ୍ଭ କରି ଲଘୁ ଖଣିଜ ସମ୍ପଦ ପଥର ,ମୋରମ, ବାଲି ପ୍ରଭୃତି ଚୋରା ଚାଲାଣ ଉପରେ ଚଢ଼ାଉ ହୋଇଛି ଜୋରଦାର। ମାଫିଆମାନଙ୍କ ଚୋରା କାରବାରକୁ ରୋକିବା ନିମନ୍ତେ ବୁଗୁଡା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଇଟା ଭାଟି ସହ ବାଲି, ପଥର ଓ ମୋରାମ ଖଦାନ ଉପରେ ଚଢ଼ାଉ ଆରମ୍ଭ ହୋଇଛି। ତହସିଲଦାର ଶ୍ରୀ ରାଉତ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୁଷଣ ବେହେରାଙ୍କ ସମେତ ରାଜସ୍ୱ କର୍ମଚାରୀ ବୃନ୍ଦ ଭଗବାନପୁର, ଭାମଶ୍ୟାଳି ଓ ସଙ୍କୁରୁ ଆଦି ଅଞ୍ଚଳରେ ୪ ଗୋଟି ବେଆଇନ ଇଟାଭାଟି ଉପରେ ଚଢ଼ାଉ କରି ୯ ଲକ୍ଷ ଟଙ୍କା ଫାଇନ ଆଦାୟ କରିଛନ୍ତି। ପକାଯାଇଥିବା ଶୁଖିଲା ଇଟାକୁ ଜେସିବି ଲଗାଇ ଭଙ୍ଗା ଯାଇ ଇଟା ନପକାଇବା ପାଇଁ ସମସ୍ତଙ୍କୁ ତାଗିଦ କରାଯାଇଛି। ଆଗକୁ ଏହି ଚଢ଼ାଉ କାର୍ଯ୍ୟ ଚାଲୁରହିବ ବୋଲି ବୁଗୁଡା ତହସିଲଦାର ତାପସ ରାଉତ ପ୍ରକାଶ କରିଛନ୍ତି।



## କ୍ରିକେଟ ଖେଳରେ ଯୋଗ ଦେଲେ ବିଧାୟକ ଓମ୍ ପ୍ରକାଶ ମିଶ୍ର



**କଣାସ ୧୯/୩(ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଚୁପୁରିଙ୍ଗି ପଞ୍ଚାୟତ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସତ୍ୟବାଦୀର ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ । ଏହି ଅବସରରେ ଖେଳ ଦେଖିବା ସହ ଖେଳାଳୀମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିଥିଲେ ବିଧାୟକ । ଏଥି ସହିତ ସ୍ଥାନୀୟ ଅଞ୍ଚଳରେ କ୍ରୀଡା ପାଇଁ ଏକ ସୁସ୍ଥ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଦେଖି ବେଶ୍ ଖୁସି ବ୍ୟକ୍ତ ? କରିଥିଲେ ବିଧାୟକ ଶ୍ରୀ ମିଶ୍ର ।ସେହିପରି ଗଡ଼ସାହି ଗ୍ରାମପଞ୍ଚାୟତ ବେଣାଗାଁରେ ଆୟୋଜିତ ମା ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅତିଥିଭାବେ ବିଧାୟକ ଶ୍ରୀ ମିଶ୍ର ଯୋଗଦେଇ ଖେଳାଳୀ ଙ୍କୁ ଉତ୍ସାହିତ କରିବା ସହ ଯୁବକମାନେ କ୍ରୀଡା କ୍ଷେତ୍ରରେ ଆଗକୁ ବଢିବା ପାଇଁ ସରକାରଙ୍କ ପକ୍ଷରୁ କଣାସ ବ୍ଲକରେ ଏକ କ୍ରିକେଟ୍ ଷ୍ଟାଡିୟମ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ଲତାମଣୀ ଜଗଦେବ,ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର ,ଚୁପୁରିଙ୍ଗ ସରପଞ୍ଚ ଜଗବନ୍ଧୁ ସେଠୀ, ଗଡ଼ସାହି ପଞ୍ଚାୟତ ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତା ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ ।

# ୫ ବିଭାଗରେ ୮୧୨ ଜଣଙ୍କୁ ନିଯୁକ୍ତି ପତ୍ର








ଭୁବନେଶ୍ୱର,୧୯/୩: ସରକାରୀ ଚାକିରୀ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କର ସେବକ ଭାବେ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷାକୁ ପୂରଣ କରିବା ଏବଂ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ରହିବା ଆବଶ୍ୟକ। ଆପଣମାନେ ଲୋକଙ୍କ ସେହି ଭରସାକୁ କୌଣସି ସମୟରେ କିମ୍ବା କୌଣସି ପରିସ୍ଥିତିରେ ଭାଙ୍ଗିବେ ନାହିଁ ବୋଲି ମୋର ଆଶା। ଆପଣଙ୍କ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ଏବଂ କାର୍ଯ୍ୟ ଜନମଙ୍ଗଳ ଉପରେ ଆଧାରିତ ହେବା ଉଚିତ୍। ମଙ୍ଗଳବାର ସ୍ଥାନୀୟ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମୁଦାୟ ୫ଟି ବିଭାଗର ୮୧୨ ଜଣ ନବନିଯୁକ୍ତ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ପରାମର୍ଶ ଦେଇ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଆୟୁଷ ନିର୍ଦ୍ଦେଶାଳୟରେ ୪୪୨ ଜଣ ଆୟୁଷ ଆସିଷ୍ଟାଣ୍ଟ, କୃଷି ବିଭାଗରେ ୬୫ ଜଣ ମୃତ୍ତିକା ସଂପ୍ରସାରଣ କର୍ମଚାରୀ ଏବଂ ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଶକ୍ତି ବିଭାଗରେ ୪୮ ଜଣ ମ୍ୟାନେଜମେଣ୍ଟ ଟ୍ରେନି, ଜଳ ସମ୍ପଦ ବିଭାଗରେ ୧୨ଜଣ କନିଷ୍ଠ ସହାୟକ ଓ ୧୪ ଜଣ ଅମିନ ଏବଂ ଇସ୍ପାତ ଓ ଖଣି ବିଭାଗରେ ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଓ ୯ ଜଣ କନିଷ୍ଠ ସହାୟକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଉଦ୍ ?ବୋଧନ ଦେଇ କହିଥିଲେ ଯେ, ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୁ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ । ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ୍ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଇଥାଏ । ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି । ରାଜ୍ୟର ବିକାଶ ଦିଗରେ ଆମ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଣୁ ଆପଣମାନଙ୍କ ପରି ଯୁବ ଏବଂ ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ଦ୍ୱାରା ହିଁ ଲୋକମାନେ ଏହି ପଦକ୍ଷେପ ଗୁଡ଼ିକର ସୁଫଳ ପାଇବାକୁ ସକ୍ଷମ ହେବେ। ଆମ ସରକାର ନୂତନ ଭାବେ ଦାୟିତ୍ୱ ନେଲା ପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲୁ ଯେଉଁଥିରେ ସବୁ ଚୟନ ସଂସ୍ଥାର ମୁଖ୍ୟ, ଉଚ୍ଚ ପଦସ୍ଥ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଚଳିତ, ମାର୍ଚ୍ଚ ମାସ ଶେଷ ସୁଦ୍ଧା, ସମସ୍ତଙ୍କୁ ନିଜ ନିଜ ବିଭାଗରେ ଖାଲିଥିବା ଖାଲି ପଦାକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଦିଗରେ କାର୍ଯ୍ୟ ଜାରି ରହିଛି ଏବଂ ପ୍ରଥମ ଦୁଇ ବର୍ଷରେ ଆମେ ୬୫ ହଜାର ନିଯୁକ୍ତି ଦେବାକୁ ପ୍ରତିଶ୍ରୁତିବଦ୍ଧ। କେବଳ ସରକାରୀ କ୍ଷେତ୍ରରେ ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ନିଯୁକ୍ତିର ଲକ୍ଷ୍ୟ ରଖାଯାଇଛି। ଏହାର ଫଳ ସ୍ୱରୂପ ଗତ ୯ ମାସ ମଧ୍ୟରେ ଆମେ ୭ ଥର ନିଯୁକ୍ତି ମେଳାର ଆୟୋଜନ କରି ବିଭିନ୍ନ ବିଭାଗରେ ୨୪ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ। ଆଜି ଅଷ୍ଟମ ପର୍ଯ୍ୟାୟରେ ଆୟୋଜିତ ହୋଇଥିବା ଏହି ନିଯୁକ୍ତି ମେଳାରେ ୫ ଟି ବିଭାଗର ୮୧୨ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଏହା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୮ ଟି ନିଯୁକ୍ତି ମେଳା ଜରିଆରେ ୨୫ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କଥାକୁ ସମସ୍ତେ ମନେ ରଖିବେ, ଯିଏ ଯେଉଁ ପଦପଦବୀରେ, ଯେତେ ବଡ ପଦବୀରେ ଥାଆନ୍ତୁ ନା କାହିଁକି, ଆପଣ ମାଲିକ ନୁହନ୍ତି, ଆପଣ ହେଉଛନ୍ତି ସେବକ। ଏହି ଦିଗରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ କୁହନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ନୁହନ୍ତି, ସେ ହେଉଛନ୍ତି, 'ପ୍ରଧାନ ସେବକ'। ଏଇ ମହତ୍ୱପୂର୍ଣ୍ଣ ମନ୍ତ୍ରକୁ ଆପଣ କାର୍ଯ୍ୟକ୍ଷେତ୍ରରେ ସଦା ସର୍ବଦା ମନେ ରଖିବେ, ତା ହେଲେ କେବେ ବି ଜନସେବାରୁ ବିଚ୍ୟୁତ ହେବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଓ ଆୟୁର୍ବେଦର ପ୍ରସାର ପାଇଁ ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ କେନ୍ଦ୍ରୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହା ଦ୍ୱାରା ଓଡ଼ିଶାରେ ପ୍ରାକୃତିକ ଚିକିତ୍ସା ଓ ଯୋଗର ପ୍ରସାର ହେବ। ରାଜ୍ୟରେ ଆୟୁଷ ଚିକିତ୍ସା ବ୍ୟବସ୍ଥାର ଉନ୍ନତି ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଆମ ସରକାର ଏହି ଦିଗରେ ଯାହାସବୁ ସମ୍ଭବ, ସବୁ କରିବାକୁ ଚେଷ୍ଟା କରିବେ। ଏହା ସହିତ ଆୟୁଷ ଚିକିତ୍ସା ପଦ୍ଧତିର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଜାତୀୟ ଆୟୁଷ ମିଶନ ଦ୍ୱାରା ୫୦ ଶଯ୍ୟା ବିଶିଷ୍ଟ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ଖୁବ୍ ଶୀଘ୍ର ସ୍ଥାପନ କରାଯିବ। ରାଜ୍ୟର ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଆମର ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଏଥିପାଇଁ ୫୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। କେବଳ ସେତିକି ନୁହେଁ, କେନ୍ଦ୍ର ସରକାର ଓଡ଼ିଶାରେ ଏକ ଜାତୀୟ ଫାର୍ମସ୍ୟୁଟିକାଲ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଏବଂ ସର୍ବ ଭାରତୀୟ ସ୍ପିଚ୍ ଏବଂ ହିୟରିଂ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରତିଷ୍ଠାନ ଗୁଡ଼ିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କୃଷି କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣର ଖୁବ୍ ଗୁରୁତ୍ୱ ରହିଛି। ଜମି ଓ ଜଳର ସୁରକ୍ଷା ଏବଂ ପରିଚାଳନା ନିମନ୍ତେ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଶକ୍ତି ବିଭାଗ, ଜଳ ସମ୍ପଦ ଏବଂ ଇସ୍ପାତ ଓ ଖଣି ବିଭାଗ ଅଧିନରେ ନିଯୁକ୍ତ ପାଇଥିବା ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ବିଭାଗୀୟ କାର୍ଯ୍ୟାଧାରାକୁ ଆହୁରି କ୍ରିୟାଶୀଳ କରିବେ ବୋଲି ଆଶା। ଉଦ୍ୟାନ କୃଷି ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ବିକାଶ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକର ସୁଫଳ ଗ୍ରାମାଞ୍ଚଳବାସୀଙ୍କ ପାଇଁ ଉପଲବ୍ ?ଧ କରାଇବାରେ ଉଦ୍ୟାନ କୃଷି ଅଧିକାରୀ ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଡକ୍ଟର ମୁକେଶ ମହାଲିଙ୍ଗ, ଇସ୍ପାତ ଓ ଖଣି ମନ୍ତ୍ରୀ, ବିଭୁତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ରହି ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧୈର୍ଯ୍ୟ, ସହିଷ୍ଣୁତା, ଦକ୍ଷତାର ସହ କାର୍ଯ୍ୟ କରିବା ଏବଂ ନିଜ କଠିନ ପରଶ୍ରମକୁ ଅବ୍ୟାହତ ରଖିବା ପାଇଁ ପ୍ରୋତ୍ସାହିତ କରିଥିଲେ। ନିଯୁକ୍ତିପତ୍ର ପାଇଥିବା ସମସ୍ତ ବିଭାଗର ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନେ ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ରାଜ୍ୟସରକାରଙ୍କ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆଭିମୁଖ୍ୟ ସମ୍ପର୍କ ବିଷୟରେ ଅଭିଭାଷଣ ରଖି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ, ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ, କମିଶନର ତଥା ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଆଶ୍ୱଥି ଏସ୍ ଧନ୍ୟବାଦ ଦେଇଥିଲେ।

# ତୋଷାଳି ମେଳା ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ: ମନ୍ତ୍ରୀ




ଭୁବନେଶ୍ୱର,୧୯/୩: ଉନ୍ନବିଂଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୫ । ଏହି ଉପଲକ୍ଷେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ରାଜ୍ୟ ଅତିଥି ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କହିଛନ୍ତି, ତୋଷାଳି ମେଳା ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ । ଆସନ୍ତାକଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭ ଉଦ୍‌ଘାଟନ କରିବେ । ଭାରତୀୟ ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତର ସଂରକ୍ଷଣ ସହ ବୁଣାକାର ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ନିମନ୍ତେ ଏହା ଏକ ବଜାର ଯୋଗାଇଦେବ । ସୂଚନାଯୋଗ୍ୟ, ଚଳିତବର୍ଷ ଏହି ମେଳାରେ ୬୫୦ରୁ ଅଧିକ ଷ୍ଟଲ ରହିବ। ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୧୫୦ଟି ଷ୍ଟଲ, ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୫୦ ଟି ଷ୍ଟଲ, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୨୫୦ ଷ୍ଟଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ଟି ଷ୍ଟଲର ବ୍ୟବସ୍ଥା କରାଯାଇଛି । ଓଡିଶାର ପାରମ୍ପରିକ ଖାଦ୍ୟ ପାଇଁ ୩୫ ଟି ଷ୍ଟଲ ରହିବ । ଏତଦ ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ, ଭାରତ ତଥା ଓଡିଶା ସରକାରଙ୍କ ଅଧିନସ୍ଥ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଭିତ୍ତିକ ସଂସ୍ଥାମାନେ ବିଭିନ୍ନ ଷ୍ଟଲରେ ଦର୍ଶକମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଷୟରେ ଅବଗତ କରିବେ । ୨୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ହୋଇଛି ଥିମ ପାଭିଲିଅନ୍ "ଶିଳ୍ପ ସୃଜନୀ"। ଅପରାହ୍ନ ୩ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଷ୍ଟଲ ଖୋଲା ରହିବ । ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ରୁ ରାତି ସାଢ଼େ ୯ ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ "ଫ୍ୟାସନ ସୋ"ର ମଧ୍ୟ କରାଯିବ । ଚଳିତ ବର୍ଷ ମେଳାରେ ୩୦ ଲକ୍ଷ ଜନ ସମାବେଶ ସହିତ ୨୮ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହେବ ବୋଲି ଆଶା କରାଯାଉଛି । ତୋଷାଳି ଜାତୀୟ ମେଳା ପରିସରରେ ସମସ୍ତ ବ୍ୟବସ୍ଥା ଯଥା ଦମକଳ ବାହିନୀ, ନିରାପତ୍ତା ସହାୟତା, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ, ପ୍ରାଥମିକ ଚିକିତ୍ସା ସେବା, ଆମ୍ବୁଲାନ୍ସ ସେବା, ପାନୀୟ ଜଳ, ଶୌଚାଳୟ, ଏଟିଏମ୍ କାଉଣ୍ଟରର ସୁବିଧା କରାଯାଇଛି। ମହିଳା କାରିଗର ଓ ବୁଣାକାରମାନଙ୍କ ନିମନ୍ତେ ମାଗଣା ରହଣି ତଥା ପରିବହନ ସୁବିଧା ଆଦିର ବ୍ୟବସ୍ଥା କରାଯାଇଛି । ଏହି ବର୍ଷ ମେଳାକୁ ବୟସ୍କ ତଥା ଦିବ୍ୟାଙ୍ଗ ଅନୁକୂଳ ବାତାବରଣରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଅଛି । ହୁଇଲ ଚେୟାର ସହ ଦିବ୍ୟାଙ୍ଗ ଓ ବୟସ୍କ ପରିଦର୍ଶକଙ୍କ ପାଇଁ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କର ବ୍ୟବସ୍ଥା କରାଯାଇଛି । ଦିବ୍ୟାଙ୍ଗ ଓ ମହିଳା ପରିଦର୍ଶକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟର ବନ୍ଦୋବସ୍ତ ହୋଇଛି । ସର୍ବୋପରି ମା' ଓ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିଶୁ ଯତ୍ନ ଗୃହର ପରିକଳ୍ପନା କରାଯାଇଅଛି । ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରାଳୟର ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ଓ ବିକାଶ ଆୟୁକ୍ତ (ହସ୍ତତନ୍ତ), ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ)ର ମିଳିତ ସହଭାଗିତାରେ ଏହି ମେଳା ଆୟୋଜନ ହେଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ କମିସନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପ ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାନସଭା ସମ୍ମୁଖରେ ପୁଲିସ-ଛାତ୍ର କଂଗ୍ରେସ ଧସ୍ତାଧସ୍ତି



ଭୁବନେଶ୍ୱର,୧୯/୩: ଡ୍ରାଫ୍ଟ ୟୁଜିସି ରେଗୁଲେସନ-୨୦୨୫କୁ ବିରୋଧ କରି ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯାଇଛି। ଏଥିପୂର୍ବରୁ ପିସିସି କାର୍ଯ୍ୟାଳୟରୁ ଛାତ୍ର କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଉଥିବାବେଳେ ଲୋୟର ପିଏମ୍‌ଜିଠାରେ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲେ। କର୍ମୀମାନେ ପୁଲିସ୍ ବାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ କର୍ମକର୍ତ୍ତା ଓ ନେତୃତ୍ୱମାନଙ୍କୁ ପୁଲିସ୍ ସେଠାରୁ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ୨୦୧୪ ମସିହା ଠାରୁ କ୍ରମାଗତ ଭାବରେ ଶିକ୍ଷା ଏବଂ ଶିକ୍ଷାନୁଷ୍ଠାନ ଉପରେ ମୋଦୀ ସରକାରଙ୍କ ଆକ୍ରମଣ ହେଉଛି। ଜାତୀୟ ଶିକ୍ଷା ନୀତି କେବଳ ଶିକ୍ଷାର ଘରୋଇକରଣ ଓ କେନ୍ଦ୍ରୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି କାର୍ଯ୍ୟକାରୀ ହେବା ପରେ ସ୍କୁଲ ଫି ବୃଦ୍ଧି, ବଜେଟ୍‌ରେ ଉଚ୍ଚଶିକ୍ଷାର ଅନୁଦାନ କାଟ୍, ସଂରକ୍ଷଣରେ ଉଦାସୀନତା, ଯଥାର୍ଥ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦମନ ଏବଂ ଶିକ୍ଷାନୁଷ୍ଠାନରେ ଆରଏସ୍‌ଏସ୍ ନୀତିର ପ୍ରଭାବ ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି ଯେ, ଆରଏସ୍‌ଏସ୍ ଓ ବଡ଼ବଡ଼ ଉଦ୍ୟୋଗପତିଙ୍କ ହାତରେ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଟେକି ଦେବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆରଏସ୍‌ଏସ୍ ଓ ଉଦ୍ୟୋଗପତିଙ୍କ ପ୍ରଭାବ ଅଧିକ ରହିବ। ଏହାବ୍ୟତୀତ ଆହୁରି ଏକାଧିକ ଦାବି ନେଇ ଛାତ୍ର କଂଗ୍ରେସ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛି। ଆଜିର ଏହି ବିକ୍ଷୋଭରେ ମାନସ ଚୌଧୁରୀ, ୟାସିର ନୱାଜ, ରଞ୍ଜିତ ପାତ୍ର, ନିହାର ବେହେରା, ସାହାରୁଖ୍ ଖାନ୍, ସୁନୀଲ କୁମାର ଗାନ୍ଧୀ, ସନ୍ଦୀପ ରାଉତରାୟ, ସିଦ୍ଧାନ୍ତ ଓମ୍‌ପ୍ରକାଶ, ଆଦିତ୍ୟ ଅଂଶୁମାନ ପାତ୍ର, ପ୍ରତୀକ ଦାସ, ଜଗଦୀଶ ରାଉତ, ସାହିଲ ମହାନ୍ତି, ହେମନ୍ତ ପ୍ରଧାନ, ଶିବରଞ୍ଜନ ସାହୁ, ଓମ୍ ପ୍ରକାଶ ପ୍ରଧାନ, ଚଣ୍ଡିପ୍ରସାଦ ମହାପାତ୍ର, ବିଶ୍ୱସି ରାଜପୁତ, ରୁଦ୍ରପ୍ରସାଦ ଖଟୁଆ, ବିଜୟ ବିଶ୍ୱାଳ, ସାର୍ଥକ ସୌରଭ ପରିଡ଼ା, ଅନନ୍ତ କୁମାର ଜେନା, ଅଙ୍କିତ ହରିଚନ୍ଦନ, ଦେବାଶିଷ ଖଟୁଆ, ଓମ୍ ପ୍ରକାଶ ସାହୁ, ଚନ୍ଦନ ସାହୁ, ଓମ୍ ପ୍ରକାଶ ପରିଡ଼ା, ଆଦର୍ଶ ଗାନ୍ଧୀ, ତାପସ ଦେ, ଅଭିଶେକ ଠୁଙ୍ଗ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ଛାତ୍ର ନେତା ସାମିଲ ଥିଲେ।

# ଲଘୁ ଖଣିଜ ଲୁଟ୍‌ରେ ଲଗାମ ଲାଗୁନି

## ଚଢ଼ଉ ପ୍ରବଳ,ମାମଲା ଦୁର୍ବଳ, ଜରିମାନା ଦେଲେ ମାମଲା ରଫାଦଫା



କେନ୍ଦୁଝର,୧୯/୩: ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ବିଭିନ୍ନ ସମୟରେ ଚଢ଼ଉ କରାଯାଉଛି। ବାଲି, ମୋରମ୍ ଓ ପଥର ବୋଝେଇ ଗାଡ଼ି ଜବତ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ହେଲେ ଲଘୁ ଖଣିଜ ଚୋରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହା ଚୋରା କରବାରକୁ ପ୍ରୋତ୍ସାହିତ କରୁଛି। ମାଫିଆମାନେ ବେଧଡ଼କ ଲଘୁ ଖଣିଜ ଚୋରି କରୁଥିବାରୁ ବିପୁଳ ରାଜସ୍ୱହାନି ହେଉଛି। ଗତ ଦୁଇବର୍ଷରେ କେନ୍ଦୁଝର ଜିଲ୍ଲାରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଅନ୍ୟ ବିଭାଗ ପକ୍ଷରୁ ୨୯୨ ଥର ଚଢ଼ଉ ହୋଇଛି। ତେବେ ଦୁଇବର୍ଷରେ କେବଳ ୨୦ଟି ମାମଲା ରୁଜୁ କରାଯାଇଛି। ଚୋରି କର, ଧରାପଡ଼ିଲେ ଜରିମାନା ଦିଅ। ଜରିମାନା ପଇଠ କରିଦେଲେ ସବୁକିଛି ମାଫ୍। ଖଣି ବିଭାଗର ଏଭଳି ଆଭିମୁଖ୍ୟ ଯୋଗୁଁ ଜିଲ୍ଲାରେ ଲଘୁ ଖଣିଜ ଚୋରି ବଢ଼ିବାରେ ଲାଗିଛି। ତଥ୍ୟ ମୁତାବକ ତେଲକୋଇ ଦେଇ ପ୍ରବାହିତ ସମାକୋଇ ନଦୀରୁ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୪୭ଥର ଚଢ଼ଉ କରାଯାଇ ୫୨ଟି ହାଇୱା, ୩୭ଟି ଟ୍ରାକ୍ଟର ଏବଂ ୧୦୦୫ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର କଥା ହେଲା, ୪୭ଥର ଚଢ଼ଉ ପରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ୨୦୨୩-୨୪ରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ୯୧ ଥର ଚଢ଼ଉ କରି ୧୦୭ଟି ହାଇୱା ଓ ୮୪ଟି ଟ୍ରାକ୍ଟର ଜବତ କରିଥିଲା। ୨୪୬୫ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଥିଲା। ହେଲେ ରୁଜୁ ହୋଇଥିଲା ମାତ୍ର ୫ଟି ମାମଲା। ଅବଶିଷ୍ଟ ୮୬ଟି ମାମଲାକୁ ଜରିମାନା ନେଇ ରଫାଦଫା କରାଯାଇଥିଲା। ୨୦୨୪-୨୫ରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧୫୪ ଥର ଚଢ଼ଉ କରିଛି। ୧୬୬ଟି ହାଇୱା, ୧୨୭ଟି ଟ୍ରାକ୍ଟର ଓ ୭୭୭୮ କ୍ୟୁବିକ୍ ମିଟର ବାଲି ଜବତ କରାଯାଇଛି। ହେଲେ ମାତ୍ର ୧୩ଟି ମାମଲା ରୁଜୁ ହୋଇଛି। ଅବଶିଷ୍ଟ ୧୪୧ଟି ମାମଲାକୁ ଜରିମାନା ନେଇ ରଫାଦଫା କରାଯାଇଛି। ନିୟମ କହୁଛି, ଲଘୁ ଖଣିଜ ଚୋରା କାରବାର ବେଳେ କୌଣସି ଗାଡ଼ି କିମ୍ବା ସାମଗ୍ରୀ ଧରାପଡ଼ିଲେ, ତାହାକୁ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବ। କିନ୍ତୁ ବାସ୍ତବରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଲଘୁ ଖଣିଜ ବୋଝେଇ ଗାଡ଼ି ଜବତ କରିବା ପରେ ମାଫିଆ ଓ ବିଭାଗ ମଧ୍ୟରେ ଜରିମାନାକୁ ନେଇ ମୂଲଚାଲ ହେଉଛି। ଜରିମାନା ଦେଲେ ମାମଲା ରୁଜୁ ନକରି ଗାଡ଼ି ଛାଡ଼ି ଦିଆଯାଉଛି। ଏହାଦ୍ୱାରା ମାଫିଆମାନେ ଲଘୁ ଖଣିଜ ଚୋରି କରିବାକୁ ସାହସ ପାଉଛନ୍ତି।

## ମହାନଦୀରେ ୭ ବ୍ୟାରେଜ ନିର୍ମାଣ ଯୋଜନା



ଭୁବନେଶ୍ୱର,୧୯/୩: ଜଳ ଉପଲବ୍ଧତା ଏବଂ ପରିଚାଳନାକୁ ବୃଦ୍ଧି କରିବା ପାଇଁ ମହାନଦୀର ଶାଖା ନଦୀଗୁଡ଼ିକରେ ସାତୋଟି ନୂତନ ବ୍ୟାରେଜ୍ ନିର୍ମାଣ କରିବାକୁ ଯୋଜନା ଚାଲିଛି ବୋଲି ମଙ୍ଗଳବାର ଦିନ ଓଡ଼ିଶା ସରକାର କହିଛନ୍ତି। ରାଜ୍ୟ ବିଧାନସଭାରେ ସୂଚନା ପ୍ରଦାନ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ଯେ, ରାଜ୍ୟରେ ଜଳ ଯୋଗାଣରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ହୋଇଛି। ଏହା ବ୍ୟତୀତ, ଓଡ଼ିଶା ମହାନଦୀ ଜଳର ସୁଗମ ଏବଂ ନିୟମିତ ପ୍ରବାହ ସୁନିଶ୍ଚିତ କରିବା ପାଇଁ ପଡ଼ୋଶୀ ଛତିଶଗଡ଼ ସହିତ ଆଲୋଚନା କରୁଛି। ଓଡ଼ିଶାରେ ମହାନଦୀ ଜଳ ପ୍ରବେଶ ପ୍ରସଙ୍ଗ ଛତିଶଗଡ଼ ସରକାରଙ୍କ ସହିତ ଆଲୋଚନା ହୋଇଛି ବୋଲି ପ୍ରକାଶ କରି ମନ୍ତ୍ରୀ କହିଛନ୍ତି ଯେ, ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଛତିଶଗଡ଼ର ମନ୍ତ୍ରୀଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଏହା ବ୍ୟତୀତ, ଉଭୟ ରାଜ୍ୟର ଅଧିକାରୀମାନେ ଆନ୍ତଃରାଜ୍ୟ ନଦୀ ଜଳ ବର୍ଣ୍ଟନ ସମ୍ପର୍କିତ ଚିନ୍ତାଧାରାକୁ ଦୂର କରିବା ପାଇଁ ବୈଠକ ମଧ୍ୟ କରିଥିଲେ, ସେ କହିଛନ୍ତି। ଏହି ପ୍ରସ୍ତାବିତ ବ୍ୟାରେଜଗୁଡ଼ିକର ନିର୍ମାଣ ଦ୍ୱାରା ଓଡ଼ିଶାରେ ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ସାମଗ୍ରିକ ଜଳ ସମ୍ପଦ ପରିଚାଳନାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ୩ ବର୍ଷରେ ୧୪ ବାଘ ଶିକାର, ୪୧ ହାତୀଙ୍କ ମୃତ୍ୟୁ





ଭୁବନେଶ୍ୱର,୧୯/୩: ଜଙ୍ଗଲରେ ମାତିଛନ୍ତି ଶିକାରି, ୩ ବର୍ଷରେ ୧୪ଟି ବାଘ ଶିକାର କରିଛନ୍ତି। ୨ଟି ମହାବଳ ଓ ୧୨ଟି କଲରାପତରିଆ ବାଘ ଶିକାର ହୋଇଛନ୍ତି ବୋଲି ଗୃହରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ ୬ଟି ମହାବଳ ବାଘ ଓ ୬୩ଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। କେବଳ ଢେଙ୍କାନାଳ ବନଖଣ୍ଡରେ ୪୧ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଶ୍ରୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି।



# ୩୭୯ ବ୍ୟଞ୍ଜନ ପରଷିଲେ ଶାଶୂ-ଶ୍ୱଶୁର

ଭାରତୀୟ ପରିବାରରେ ଯଦି କେହି ସବୁଠାରୁ ଅଧିକ ଅଭ୍ୟର୍ଥନା ପାଇଥାଏ, ସେ ହେଉଛି ଘରର ଜ୍ୱାଇଁ। ଜ୍ୱାଇଁଙ୍କୁ ଖୁସି କରିବା ଲାଗି ନାନା ଆୟୋଜନ କରାଯିବାର ଦେଖିବାକୁ ମିଳେ। ତେବେ ଆନ୍ଧ୍ରପ୍ରଦେଶରେ ଏକ ପୁରୁଣା ପରମ୍ପରା ଚାଲିଆସିଛି ଯାହା ଅନୁଯାୟୀ ମକର ସଂକ୍ରାନ୍ତି ଦିନ ଜ୍ୱାଇଁଙ୍କ ଲାଗି ବର୍ଣ୍ଣାଢ଼୍ୟ ଭୋଜି ଆୟୋଜନ କରାଯାଇଥାଏ। ଆନ୍ଧ୍ରପ୍ରଦେଶର ଏଲୁରୁ ସହରର ଏକ ପରିବାର ଜ୍ୱାଇଁଙ୍କୁ ଏକାବେଳେ ୩୭୯ ପ୍ରକାର ଖାଦ୍ୟ ପରଷି ଅତିଥି ସତ୍କାରର ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ମକର ସଂକ୍ରାନ୍ତି ଅବସରରେ 'ଭାଗ୍ୟବାନ' ଜ୍ୱାଇଁ ମୁରଲିଧରଙ୍କୁ ଏହି ବର୍ଣ୍ଣାଢ଼୍ୟ ଆୟୋଜନର ଅତିଥି କରାଯାଇଥିଲା। ସ୍ୱାଭାବିକ ଭାବେ ଜ୍ୱାଇଁ ଏସବୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସବୁତକ ବ୍ୟଞ୍ଜନ କିଭଳି ଖାଇବେ ତାହା ଭାବି ମୁଣ୍ଡରେ ହାତ ଦେଇଥିଲେ। ଜ୍ୱାଇଁଙ୍କୁ ପରଷାଯାଇଥିବା ବ୍ୟଞ୍ଜନ ସଂଖ୍ୟା ଦୃଷ୍ଟିରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ୩୭୯ ବ୍ୟଞ୍ଜନ ରାନ୍ଧିବା ଲାଗି ଶ୍ୱଶୁର ଘର ଲୋକଙ୍କୁ ଏକ ସପ୍ତାହ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିଥିଲା। ଶ୍ୱଶୁର ଭୀମାରାଓ ଓ ଶାଶୂ ଚନ୍ଦ୍ରଲୀଳା କହିଛନ୍ତି ଯେ ଗୋଦାବରୀ ଜିଲ୍ଲାର ଅତିଥି ସତ୍କାରର ବିରଳ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜାପନ କରିବା ଲାଗି ସେମାନେ ଏହି ବିରାଟ ଆୟୋଜନ କରିଥିଲେ। ଗତ ବର୍ଷ ମକର ସଂକ୍ରାନ୍ତିରେ ସେହି ଆନ୍ଧ୍ରପ୍ରଦେଶର ନର୍ସପୁରମର ଏକ ପରିବାର ଭାବୀ ଜ୍ୱାଇଁଙ୍କୁ ୩୬୫ ପ୍ରକାର ବ୍ୟଞ୍ଜନ ପରଷି ଚର୍ଚ୍ଚିତ ହୋଇଥିଲା।

# 'ନାନୀ ୩୦' ଚଳଚ୍ଚିତ୍ରରେ ମୃଣାଳ ଠାକୁର



ପାନ୍ ଇଣ୍ଡିଆ ପକ୍ଷରୁ ନିର୍ମାଣ ହେବାକୁ ଯାଉଥିବା ଚଳଚ୍ଚିତ୍ର 'ନାନୀ ୩୦'ର ମୁଖ୍ୟ ଚରିତ୍ର ସାଜୁଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ନେଚୁରାଲ ଷ୍ଟାର ଓ ଭାଇରା ଏଣ୍ଟରଟେନମେଣ୍ଟ ବ୍ୟାନରର ମିଳିତ ସହଯୋଗରେ ନିର୍ମିତ ପ୍ରଥମ ସିନେମା 'ନାନୀ ୩୦'। ଶୁଣାଯାଉଛି ଏହାର ନିର୍ଦ୍ଦେଶନା ଦେବେ ସୌରଭ। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ମୋହନ ଚେରୁକୁରୀ, ଭିଜେନ୍ଦର ରେଡ୍ଡୀ ତିଗାଲା ଏବଂ ମୂର୍ତ୍ତି କେ.ଏସ୍। ସିନେମାର ୟୁନିଟ୍ ସୁଟିଂ ଫ୍ଲୋରକୁ ଆସିବା ଆଗରୁ ନୂଆବର୍ଷ ଅବସରରେ ଏହାର ଏକ ଭିଡିଓ ମଧ୍ୟ ଲୋକାର୍ପଣ ହେଇଛି। ଏହାର କାହାଣୀ ବାପା ଓ ଝିଅଙ୍କ ଭାବପ୍ରବଣ ସମ୍ପର୍କ ଉପରେ ଆଧାରିତ। ଏଇ ଭିଡିଓରେ ସିନେମାରେ ସଂପୃକ୍ତ ଥିବା ମୁଖ୍ୟ ଟେକ୍ନିସିଆନ୍‌ଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। 'ଜର୍ସି' ଓ 'ଶ୍ୟାମ୍ ସିଂହ ରାୟ' ଚଳଚ୍ଚିତ୍ର ପରେ 'ନାନୀ ୩୦'ରେ ଚତ୍ରଉତ୍ତୋଳନ କରିବେ ସାନୁ ଜନ୍ ଭର୍ଗୁରିଜ। ନିକଟରେ ଦକ୍ଷିଣୀ ସିନେମା (ତେଲଗୁ) 'ସୀତା ରାମମ୍'ରେ ମଧ୍ୟ ମୃଣାଳ ଠାକୁରଙ୍କୁ ମୁଖ୍ୟ ନାୟିକା ଭାବେ ଦେଖିବାକୁ ମିଳିବ। ଏଥିରେ ମାଲୟାଲମ୍ ଫିଲ୍ମ 'ହୃଦୟମ୍'ର ଲୋକପ୍ରିୟ ସଙ୍ଗୀତ ସଂଯୋଜକ ହେଶମ୍ ଅବଦୁଲ ୱାହାବ ସଙ୍ଗୀତ ସଜାଉଛନ୍ତି। ଜ୍ୟୋତିଶ ଶଙ୍କର ଏହାର ପ୍ରଡକ୍ସନ୍ ଡିଜାଇନ୍ କରୁଥିବା ବେଳେ ପ୍ରବୀଣ ଆନ୍ଥୋନୀ ଏଇ ଚଳଚ୍ଚିତ୍ରର ସମ୍ପାଦନା କରିବେ। ଟେଲିଭିଜନରେ 'ମୁଝସେ କୁଛ କେହତି ୟେ ଖାମୋସିୟାଁ, ହର ୟୁଗ୍ ମେ ଆୟେଗା ଏକ ଅର୍ଜୁନ୍, କୁମ୍‌କୁମ୍ ଭାଗ୍ୟ, ସୌଭାଗ୍ୟଲକ୍ଷ୍ମୀ ପରି ଧାରାବାହିକର ରାଣୀ ମୃଣାଳ ୨୦୧୪ରେ ମରାଠୀ ମୁଭି 'ଭିଟ୍ଟି ଦଣ୍ଡୁ' ଓ 'ଡକ୍ଟର ସ୍ୱପ୍ନା' ମାଧ୍ୟମରେ ବଡ଼ ପରଦାରେ ପ୍ରବେଶ କରିଥିଲେ। ପରେ ହିନ୍ଦୀ ଚଳଚ୍ଚିତ୍ର ଲଭ୍ ସୋନିଆ, ସୁପର ୩୦, ଘୋଷ୍ଟ ଷ୍ଟୋରିଜ୍, ବାଟ୍ଲା ହାଉସ୍, ଧମାକା, ଜର୍ସି ଆଦିରେ ଅଭିନୟ କରିଛନ୍ତି। ମୃଣାଳ ନୂଆ ଚଳଚ୍ଚିତ୍ର 'ଆଖୌଁ ମିଚୋଲି' ଓ 'ଗୁମ୍ରାହ' ଫିଲ୍ମରେ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ।





# ଶୁଆ ଯୋଗୁଁ ଜେଲ୍ ଯିବେ ମାଲିକ

ଘରେ ପୋଷା ଜୀବ ରଖିବା ଅନେକ ଲୋକଙ୍କର ଖୁବ୍ ସଉକ ଥାଏ। କିଛି ଲୋକ ଘରେ କୁକୁର ବିଲେଇ ପାଳିଥାନ୍ତି ତ ଆଉ କିଛି ଲୋକ ପକ୍ଷୀଙ୍କୁ ବି ପାଳିଥାନ୍ତି। ଜଣେ ଏମିତି ହିଁ ବ୍ୟକ୍ତି ନିଜ ପସନ୍ଦର ଏକ ଶୁଆ ପାଳିଥିଲେ, ଯାହାକି ତାଙ୍କୁ ଖୁବ୍ ମହଙ୍ଗା ପଡ଼ିଛି। ଏହି ଘଟଣା ତାଇୱାନରେ ଘଟିଛି ଏବଂ ଯିଏ ବି ଏହି ବିଷୟରେ ଶୁଣୁଛି, ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଶୁଆର ମାଲିକଙ୍କୁ କେବେ ଅନ୍ଦାଜ ନଥିଲା କି ତାଙ୍କର ଶୁଆ କିଛି ଏମିତି କରି ଦେଇଛି, ଯେଉଁଥି ପାଇଁ ତାଙ୍କ ପକେଟରୁ ଟଙ୍କା ତ ଯିବ ଏହା ସହ ଜେଲ୍‌ର ହାୱା ବି ଖାଇବେ। ବ୍ୟକ୍ତିଙ୍କ ପାଖରେ ଯେଉଁ ଶୁଆ ଅଛି, ତାହା ଆକାରରେ ବହୁତ ବଡ଼ ଏବଂ ଖୁବ୍ ସୈତାନ। ଆଉ ଏଥିରେ ତାର ବଦମାସୀର ସଜା ମାଲିକଙ୍କୁ ଭୋଗିବାକୁ ପଡ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କି ଯେଉଁ ବ୍ୟକ୍ତିଙ୍କୁ ଶୁଆ ମାରିଥିଲା, ତାର ହାଡ଼ ବି ଭାଙ୍ଗି ଯାଇଛି। ଉଲ୍ଲେଖନୀୟ ଯେ, ତୈନାନ ନାମକ ସ୍ଥାନରେ ଜଣେ ହୁଆଙ୍ଗ ସରନେମ୍ ଥିବା ବ୍ୟକ୍ତି ରୁହନ୍ତି, ଯିଏକି ଦୁଇଟି ପୋଷା ଶୁଆ ପାଳିଥିଲେ। ପ୍ରତିଦିନ ସେ ପାର୍କକୁ ଏକ୍ସରସାଇଜ ପାଇଁ ଗଲା ବେଳେ ସେହି ଶୁଆ ଦୁଇଟିକୁ ସାଥିରେ ନେଇ ଯାଉଥିଲେ, ଏହାକି ସେ ନିଜେ ଏକ୍ସରସାଇଜ୍ କରିବା ସହ ଶୁଆ ବି ଟିକେ ଉଡ଼ି ପାରିବେ। ଏହି ଭିତରେ ସେ ଜଗିଂ କରୁଥିବା ବେଳେ ଗୋଟିଏ ଶୁଆ ଜଣେ ବ୍ୟକ୍ତିଙ୍କୁ ନିଜ ଡେଣାରେ ଏମିତି ଡ଼ରାଇଲା ଯେ, ସେ ଭୟରେ ଖସି ପଡ଼ିଲେ। ଏହିପରି ଖସି ପଡ଼ିବାରୁ ତାଙ୍କ ହିପ୍ ?ର ଜଏଣ୍ଟ ହାଡ଼ ଭାଙ୍ଗିଗଲା। ତାଙ୍କୁ ସିଧା ହସ୍ପିଟାଲରେ ଭର୍ତ୍ତି କରାଗଲା ଏବଂ ସୁସ୍ଥ ହେବାରେ ୬-୭ ମାସର ସମୟ ଲାଗିଲା। ଏହାପରେ ପୀଡ଼ିତ ବ୍ୟକ୍ତି ଶୁଆର ମାଲିକ ନାଁରେ ମାମଲା ରୁଜୁ କରିଦେଲେ। ୪୦ ସେଣ୍ଟିମିଟର ଲମ୍ବ ଓ ୬୦ ସେଣ୍ଟିମିଟରର ଡେଣା ଥିବା ଶୁଆ ଏହି ହରକତ କାରଣରୁ କୋର୍ଟରେ କେସ୍ ଚାଲିଲା । କୋର୍ଟ ଏହି କଥାରେ ସହମତ ହେଲେ କି ଏହା ଶୁଆର ମାଲିକଙ୍କର ଅବହେଳା। ଏଣୁ ତାଙ୍କୁ ୩.୦୪ ମିଲିୟନ ନ୍ୟୁ ତାଇୱାନିଜ୍ ଡଲାର ଅର୍ଥାତ୍ ୭୫ ଲକ୍ଷ ଟଙ୍କାର ଜୋରିମାନା ଦେବା ସହ ୨ ମାସର ଜେଲ୍ ଦଣ୍ଡ ଶୁଣାଇଲେ । ବର୍ତ୍ତମାନ ଶୁଆର ମାଲିକ ନିଷ୍ପତ୍ତି ବିରୋଧରେ ଅପିଲ କରିବାକୁ ଯାଉଛନ୍ତି, କାରଣ ଏହ ଦଣ୍ଡ ତାଙ୍କୁ ଅଧିକ ମନେହୋଇଛି।

# ଜେଲରୁ ମୁକୁଳିବା ପରେ ଭାବବିହ୍ୱଳ ହେଲେ ବୃଦ୍ଧ

ଯେତେବେଳେ ବି କେହି ଅପରାଧ କରିଥାଆନ୍ତି ସେମାନେ କିଭଳି ଅପରାଧ କରିଛନ୍ତି ତାହାକୁ ଧ୍ୟାନରେ ରଖି ଜେଲଦଣ୍ଡ ହୋଇଥାଏ। କିଛିଲୋକ ଜେଲରେ ପୂରା ଜୀବନ କାଟି ଦେଉଥିବା ବେଳେ ଶେଷ ସମୟରେ ମୁକୁଳି ଥାଆନ୍ତି। ଆଉ ତାଙ୍କୁ ନେବାକୁ ପରିବାରର କୌଣସି ସଦସ୍ୟ ବି ଆସି ନଥାଆନ୍ତି। ଏଭଳି ସମୟରେ ସଜା କାଟି ଫେରିଥିବା ଉକ୍ତ ବ୍ୟକ୍ତିଙ୍କୁ ପୁଲିସ ସାହାଯ୍ୟ କରିଥାଆନ୍ତି। ଏମିତି ଏକ ଘଟଣା ଉତ୍ତରପ୍ରଦେଶର ଅଯୋଧ୍ୟାରୁ ନିକଟରେ ସାମ୍ନାକୁ ଆସିଛି। ଜେଲ ଅଧିକାରୀଙ୍କ କହିବାନୁସାରେ, ଜଣେ ୯୮ବର୍ଷୀୟ ବୃଦ୍ଧ ରାମ ସୁରତ ଉତ୍ତରପ୍ରଦେଶର ଅଯୋଧ୍ୟା ଜେଲରେ ସଜା କାଟିବା ପରେ ମୁକୁଳି ଥିଲେ। ରାମ ସୁରତଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉତ୍ତର ପ୍ରଦେଶର ମହାନିର୍ଦ୍ଦେଶକଙ୍କ ଦ୍ୱାରା ଟୁଇଟରେ ଏକ ଭିଡିଓ ପୋଷ୍ଟ କରାଯାଇଛି। ଏଥିରେ ଅଯୋଧ୍ୟା ଜେଲର ଜିଲ୍ଲା ଅଧକ୍ଷ ଶଶିକାନ୍ତ ମିଶ୍ରା ରାମ ସୁରତଙ୍କୁ କହୁଛନ୍ତି କି ପୁଲିସ ତାଙ୍କୁ ସେଯିବାକୁ ଚାହୁଁଥିବା ସ୍ଥାନରେ ନେଇ ଛାଡ଼ି ଆସିବ। କାରଣ ୯୮ବର୍ଷୀୟ ବୃଦ୍ଧ ରାମ ସୁରତ ଉତ୍ତରପ୍ରଦେଶର ଅଯୋଧ୍ୟା ଜେଲରେ ସଜା କାଟି ମୁକୁଳିବା ପରେ ତାଙ୍କୁ ନେବାକୁ ତାଙ୍କ ପରିବାରର କେହି ବି ସଦସ୍ୟ ଆସି ନଥିଲେ। ଏହାପରେ ଅଧିକାରୀ ବୃଦ୍ଧ ବ୍ୟକ୍ତିଙ୍କୁ କାର ପର୍ଯ୍ୟନ୍ତ ନେଇ ଆସୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଅଧିକାରୀଙ୍କ କହିବାନୁସାରେ, ରାମ ସୁରତଙ୍କୁ ଭାରତୀୟ ଦଣ୍ଡ ବିଧାନ ଆଇନ ଅନୁଯାୟୀ ଧାରା ୪୫୨, ୩୨୩ ଓ ୩୫୨ରେ ଦୋଷୀ ସାବ୍ୟସ୍ତ



କରାଯାଇଥିଲା। ତେବେ ସଜା କାଟି ଜେଲରୁ ମୁକୁଳିବା ପରେ ତାଙ୍କୁ ନେବା ପାଇଁ ପରିବାରର କୌଣସି ସଦସ୍ୟ ଆସି ନଥିଲେ। ରାମ ସୁରତଙ୍କୁ ୨୦୨୨ ଅଗଷ୍ଟ ୮ରେ ଜେଲରୁ ମୁକୁଳା ଯାଇଥାଆନ୍ତେ, କିନ୍ତୁ ମଇ ୨୦ରେ ସେ କୋଭିଡ ପଜିଟିଭ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ୯୦ଦିନ ପାଇଁ ପାରୋଲକୁ ପଠା ଯାଇଥିଲା।

# ବିଧବା ମାଆର ବିବାହ କରାଇଲା ପୁଅ

ସଂପ୍ରତି ବଦଳିବାକୁ ଲାଗିଲାଣି ସମାଜରେ ପ୍ରଚଳିତ ପ୍ରାଚୀନ ପ୍ରଥା, ପରମ୍ପରା ଓ କୁଚିନ୍ତାଧାରା। ଦିନ ଥିଲା ମଣିଷ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସତୀଦାହ ଭଳି କୁତ୍ସିତ ପରମ୍ପପରାକୁ ମାନୁଥିଲା। ହେଲେ ଏକବିଂଶ ଶତାବ୍ଦୀରେ ସମାଜର ପରିବର୍ତ୍ତନ ଘଟିଛି, ସମସ୍ତଙ୍କ ଚିନ୍ତା-ଚେତନାର ବିକାଶ ହୋଇଛି। ସେଭଳି କିଛି ଘଟଣା ମହାରାଷ୍ଟ୍ରର କୋହ୍ଲାପୁର ସହର ନିକଟରେ ଦେଖିବାକୁ ମିଳିଛି। କୋହ୍ଲାପୁର ନିକଟ ହେରୱାଡ ଗ୍ରାମ ପଞ୍ଚାୟତରେ ପିତାଙ୍କ ମୃତ୍ୟୁ ପରେ ବିଧବା ମାଆର ବିବାହ କରାଇଛି ପୁଅ। ଦୁଇ ବର୍ଷ ତଳେ ଯୁବରାଜଙ୍କ ପିତା ନାରାୟଣଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ସେବେଠାରୁ ତାଙ୍କ ମାଆ ରତ୍ନା ଦୁଃଖୀ ଓ ଚିନ୍ତାଗ୍ରସ୍ତ ହେବାକୁ ଲାଗିଲେ। ମାତ୍ର ୪୫ ବର୍ଷ ବୟସରେ ମାଆର ଏହି ଅବସ୍ଥା ପୁଅ ସହି ନପାରି ତାଙ୍କର ବିବାହ କରାଇବାକୁ ନିଷ୍ପତ୍ତି ନେଇଥିଲେ। ମାରୁତି ନାମକ ଜଣେ କୃଷକଙ୍କୁ ତାଙ୍କ ମାଆଙ୍କୁ ବିବାହ କରିବାକୁ ରାଜି କରାଇଲା ପୁଅ; କିନ୍ତୁ ମାଆଙ୍କୁ ବିବାହ ପାଇଁ ରାଜି କରାଇବା ପୁଅ ଲାଗି ଥିଲା କଷ୍ଟକର ବିଷୟ। ବିବାହ କଥା ଶୁଣି ପ୍ରଥମେ ମାଆ ସମ୍ପୂର୍ଣ୍ଣ ଭାବେ ମନା କରି ଦେଇଥିଲେ। ଭାବୁଥିଲେ, ସମାଜ ତାଙ୍କୁ କ'ଣ କହିବ କିନ୍ତୁ ପୁଅ ମାଆଙ୍କୁ ବୁଝାଇବାକୁ ଲାଗିଲା। ଶେଷରେ, ପୁଅର ଜିଦ୍ ରହିଲା, ମାଆ ବିବାହ ପାଇଁ ରାଜି ହେଲେ। ସବୁଠାରୁ ବଡ଼ କଥା ହେଉଛି ଏହି ବିବାହକୁ ପଡ଼ୋଶୀ ସମର୍ଥନ କରିଥିଲେ ଏବଂ ବିବାହ ଉତ୍ସବରେ ଆସି ଯୋଗ ଦେଇଥିଲେ। ସେପଟେ ମାଆ ରତ୍ନା କହିଛନ୍ତି, 'ପୁଅକୁ ବିବାହ କରିବାର ବୟସ ହୋଇଥିଲା, କିନ୍ତୁ ତା'ର ଜିଦ୍ ପାଇଁ ମୋତେ ନିଜେ ବିବାହ କରିବାକୁ ପଡିଲା। ପୁଅର ଇଚ୍ଛା ପୂରଣ କରି ମୁଁ ଖୁସି ଅଛି।' ବର୍ତ୍ତମାନ ତିନିଜଣ ଖୁସିରେ ଜୀବନ ବିତାଉଛନ୍ତି।



# ଠିକାଦାରଙ୍କୁ ଛୁରୀ ଭୁଷି ହତ୍ୟା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ୧୯/୩(ନି.ପ୍ର): ଲାଞ୍ଜିପଲ୍ଲୀ ଚାଣକ୍ୟନଗର ଅଞ୍ଚଳରେ ହୋଲିରେ ରକ୍ତର ଛିଟା ଦେଖିବାକୁ ମିଳିଛି । ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରା ମାଡରେ ଜଣେ ଠିକାଦାରଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣଙ୍କ ହେଲେ ଚାଣକ୍ୟନଗରର ପି. ରାମଚନ୍ଦ୍ର ପାତ୍ର । ସେହିପରି ଅଭିଯୁକ୍ତ ଜଣଙ୍କ ହେଲେ ଚାଣକ୍ୟ ନଗର ତୃତୀୟ ଲାଇନର ଚନ୍ଦନ କୁମାର ସାବତ ଓରଫ ପପୁନ(୩୨) । ସୂଚନାଥାଉକି, ଶନିବାର ହୋଲି ଉତ୍ସବ ଦିନ ରାମଚନ୍ଦ୍ର ନିଜ ସାଙ୍ଗମାନଙ୍କ ସହ ହୋଲି ଖେଳିବା ପରେ ନିକଟରେ ଥିବା ଏକ ନିର୍ମାଣଧିନ ଘରେ ଅନ୍ୟମାନଙ୍କ ସହ ବସିଥିଲେ । ଏହି ସମୟରେ ପପୁନ ସେଠାରେ ପହଞ୍ଚି ରାମଚନ୍ଦ୍ରଙ୍କୁ ହୋଲି ଲଗାଇବାକୁ ଚେଷ୍ଟା କରିଥିଲା । ରାମଚନ୍ଦ୍ର ଏହାର ପ୍ରତିବାଦ କରିବା ସହ ପପୁନଙ୍କୁ ଏକ ଚାପୁଡା ମାରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସାଙ୍ଗମାନେ ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହାପରେ ପପୁନ ସେଠାରୁ ଘରକୁ ଚାଲିଯାଇଥିଲେ । ହେଲେ ରାମଚନ୍ଦ୍ର ବାରମ୍ବାର ଏଭଳି ଅପମାନ କରୁଥିବାରୁ ପପୁନ ରାଗି ଯାଇଥିଲେ । ଘରେ ଥିବା ଏକ ଛୁରୀକୁ ଧରି ପୁଣି ରାମଚନ୍ଦ୍ରଙ୍କ ନିକଟକୁ ଯାଇ ଝଗଡା କରିଥଲେ । ପପୁନ ନିଜ ସହ ନେଇଥିବା ଛୁରୀରେ ରାମଚନ୍ଦ୍ରଙ୍କ ପେଟ ଓ ବେକକୁ ଆକ୍ରମଣ କରିଥିଲେ । ଛୁରା ମାଡରେ ରାମଚନ୍ଦ୍ର ଗୁରୁତର ହେବାରୁ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିଛି ସମୟ ଚିକିତ୍ସା ପରେ ରାମଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଆକ୍ରମଣକାରୀ ପପୁନଙ୍କୁ ଲୋକମାନେ କାବୁ କରି ମାଡ ମାରିବା ସହ ପୁଲିସକୁ ହସ୍ତାନ୍ତର କରିଥିଲେ । ଅଭିଯୁକ୍ତ ପପୁନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

# ଦଣ୍ଡମୁକ୍ତ ନାଁ ରେ ପ୍ରଧାନ ଶିକ୍ଷୟତ୍ରୀଙ୍କର ବାପ ଛେଉଣ୍ଡ ଛାତ୍ରୀଙ୍କ ଉପରେ ଅମାନୁଷୀକ ଅତ୍ୟାଚାର, ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି

ମୁନିଗୁଡା ୧୯/୩(ନି.ପ୍ର): ଶିକ୍ଷା ଅନୁଷ୍ଠାନରେ ଛାଟ ଓ ମାଡର ଭୟ ଦୂରକରି ପାଠପଢା ପ୍ରତି ଗୁରୁତ ଦେବାକୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କୁ ସରକାର ନିର୍ଦ୍ଦେଶ କରି ଥିଲେ ଏବଂ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ଆସୁଥିଲା ।ମାତ୍ର ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଆମ୍ବାଦଲା ଇନ୍ଦିରାପଡା ପ୍ରାଥମିକ ବିଦ୍ୟାଳୟରେ ତାହା ବ୍ୟତିକ୍ରମ ଦେଖା ଦେଇ ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ରୀନା ରାଣୀ କୈବର୍ତ୍ତଙ୍କ ରୋଷର ଶିକାର ହୋଇ ଲହୁ ଲୁହାଣ ହୋଇଛନ୍ତି ଛାତ୍ରୀ ଏଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଖ୍ୟାତ, ଛାତ୍ର ଛାତ୍ରୀଙ୍କ ପାଇଁ ଆଉ ଶିକ୍ଷକଙ୍କ ଛାଟର ଭୟ ନାହିଁ କି ଆଉ କୌଣସି ଦଣ୍ଡ ବିଧାନ ନାହିଁ ଏହାସତ୍ୱେ ଖୋଦ ପ୍ରଧାନ ଶିକ୍ଷକ କିପରି ନିୟମକୁ ଜଳାଞ୍ଜଳି ଦେଇ କୁନି ପିଲାଙ୍କ ଉପରେ କଠୋରତା ଅବଲମ୍ବନ କରି ଦଣ୍ଡ ଦେବାର ସାହାସ କରିଛନ୍ତି ଏହିପରି ଏକ ଘୃଣ୍ୟ ଓ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅଧୀନ ଅମ୍ବାଦଲା ଶିକ୍ଷା ସର୍କଲ ରାଜରାସ୍ତା କଡରେ ଥିବା ଇନ୍ଦିରାପଡା ବିଦ୍ୟାଳୟରେ। ସୂଚନା ଅନୁଯାଇ ଗତ ୧୩ ତାରିଖ ଗୁରୁବାର ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରିନା ରାଣୀ କୈବର୍ତ୍ତ ବିଦ୍ୟାଳୟରେ ଅଧ୍ୟୟନ ରତ ଷଷ୍ଠ ଶ୍ରେଣୀର ଛାତ୍ରୀ ପ୍ରତ୍ୟାଶା ପାଳକାଙ୍କୁ ଗାଲରେ ଶକ୍ତ ଚାପୁଡ଼ା ଓ ବାଡ଼ି ସାହାଯ୍ୟରେ ବାଡେଇ ଶରୀର ରକ୍ତ ମୁଖା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରତ୍ୟାଶା ଜଣେ ଅନାଥ କହିଲେ ଅତ୍ୟୁକ୍ତି ହେବ ନାହିଁ ବାପା ଶ୍ରୀନୁ ପାଳକା ସୁଦୂର ଦୁବେଇ ସହରରେ ଦାଦନ ଖଟିବାକୁ ଯାଇଥିବା ବେଳେ ମା ଦ୍ୱିତୀୟ ବିବାହ କରି ଅନ୍ୟତ୍ର ବସବାସ କରୁଛନ୍ତି ।ଏପରି ସ୍ଥିତିରେ ପ୍ରତ୍ୟାଶା ଷଷ୍ଠ



ଶ୍ରେଣୀରେ ପାଠ ପଢୁଛି ।ବାପା ମା ଙ୍କ ଅନୁପସ୍ଥିତିରେ ସାହାରା ଓ ଅଭିଭାବକ ସାଜିଛନ୍ତି ଜେଜେ ମା ଓ ପିଉସି ରୁନୁ ପାଲକା । ଉକ୍ତ ଘଟଣା ଜାଣିବା ପରେ କେଉଁ କାରଣରୁ ପ୍ରତ୍ୟାଶାକୁ ଏହିପରି ଦଣ୍ଡ ଦେଇଛନ୍ତି ବୋଲି ପଚାରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ପ୍ରଧାନ ଶିକ୍ଷୟତ୍ରୀ କୈବର୍ତ୍ତ ଓଲଟା ପ୍ରତ୍ୟାଶାର ଜେଜେ ମା ଙ୍କୁ ଦୁର୍ବ୍ୟବହାର କରିଥିଲେ ।ଏ ନେଇ ଗୋଷ୍ଠି ଶିକ୍ଷା ଅଧିକାରୀ ଭି. ଭାସ୍କର ରାଓଙ୍କୁ ଅବଗତ କରଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀଙ୍କ ଏହିପରି ଛାତ୍ରୀ ଓ ଅଭିଭାବକଙ୍କ ପ୍ରତି ବ୍ୟବହାରକୁ ନେଇ ଅଞ୍ଚଳରେ ଆସନ୍ତୋଷ ବଢିବା ସହ ଗ୍ରାମରେ ମଧ ଉତ୍ତେଜନାର ବାତାବରଣ ସୃଷ୍ଟି ହୋଇଥିଲା, ପ୍ରକାଶ ଥାଉ କି ପ୍ରତ୍ୟାଶାର ଜେଜେ ମା ବିଦ୍ୟାଳୟର ରୋଷେୟା ଭାବେ କାର୍ଯ୍ୟ ତୁଲାଉଛନ୍ତି ପିଲାଙ୍କ ଖାଦ୍ୟ ପ୍ରସ୍ତୁତି ପାଇଁ କମ ସାମଗ୍ରୀରେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ପ୍ରଧାନ ଶିକ୍ଷୟତ୍ରୀ ବାରମ୍ବାର ରୋଷେୟାଙ୍କୁ ତାଗିଦ କରିଥାନ୍ତି, ଯାହାକୁ ପ୍ରତ୍ୟାଶାର ଜେଜେ ମା ଅବମାନନା କରି ପିଲାଙ୍କ ପାଇଁ ଉତ୍ତମ ଖାଦ୍ୟ ପ୍ରସ୍ତୁତ କରନ୍ତି ।ଏହାକୁ ନେଇ ପ୍ରଧାନ ଶିକ୍ଷୟତ୍ରୀ ପ୍ରତ୍ୟାଶାର ଜେଜେ ମା ଉପରେ ବିରକ୍ତ ଓ ଆକ୍ରୋଶ ମନଭାବ ରଖି ଜେଜେମା ବଦଳରେ ନାତୁଣୀ ଉପରେ କଠୋରତା ଅବଲମ୍ବନ କରି ଦଣ୍ଡ ଦେଇଥିବା ତାଙ୍କ ଜେଜେ ମା ପ୍ରକାଶ କରିଛନ୍ତି ଏହି ସମ୍ବେଦନଶିଳ ବିଷୟକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁସ୍ୱ ଜଣାଇବାରୁ ଶିକ୍ଷା ଅଧିକାରୀ ଶ୍ରୀ ରାଓ ସି ଆର ସି ସି ଙ୍କୁ ପ୍ରାଥମିକ ତଦନ୍ତ କରିବାକୁ କହିଛି ଓ ଆସନ୍ତା ସୋମବାର ଦିନ ସେ ନିଜେ ଆସି ତଦନ୍ତ କରିବା ସହ ତଦନ୍ତ ରିପୋର୍ଟ ଆଧାରରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତାମତ ରଖିଛନ୍ତି।

## ପାରମ୍ପରିକ ବୋରିଗାଁ ମଣ୍ଡେଇ ସମ୍ପନ୍ନ



ନବରଂଗପୁର ୧୯/୩(ନି.ପ୍ର): ଧୂମଧାମରେ ଏବଂ ପାରମ୍ପରିକ ରୀତିନୀତିରେ ବୋରିଗାଁ ମଣ୍ଡେଇ ପାଳିତ ହୋଇ ଯାଇଛି । ଏହି ଅବସରରେ ଲାଠି, କୁର୍ସୀ , ଶିରା, ଦିଶାରୀ, ପୂଜାରୀ ମାନଙ୍କ ସହ ବିଧାୟକ ମନୋହର ରନ୍ଧାରି, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ହିନ୍ଦୁ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜୟନ୍ତ କୁମାର ପାତ୍ର, ଏମ୍ ଆପା ରାଓ, ବୁଲୁ ରାଓ , ଲିପିକା ମାଝୀ, ବରିଷ୍ଠ ଆଇନଜୀବୀ ମିହିର ଶଙ୍କର ପାତ୍ର, ସୁରେନ୍ଦ୍ର ମିଶ୍ର ,ଡାବୁଗାଁ ସାମ୍ବାଦିକ ସଂଘ ଉପ ସଭାପତି ଗଗନ ଗନ୍ତାୟତ, ଯୁବନେତା ଜି. କିରଣ କୁମାର, ସରପଞ୍ଚ ଶୁକ୍ରୁ ପୂଜାରୀ, କୃଷ ପନକା, ଲୈଖନ୍ ପନକା, ଚନ୍ଦ୍ର ପନକା, ଦଶମୁ କଲାର, ଅଯୋଧା ମାଳୀ, ପ୍ରମୁଖ ମଣ୍ଡେଇ ଯାତ୍ରା ପରିକ୍ରମା କରିଥିଲେ । ସୁକାଲୁ ପୂଜାରୀ, ସତମନ ପୂଜାରୀ, ଯୋଗ ପୂଜାରୀ, ଈଶ୍ୱର ମାଝୀ ଓ ଅନ୍ୟମାନେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ । ରାତି ରେ ଚିତ୍ତବିନୋଦନ ପାଇଁ ଗୀତିନାଟ୍ୟ ର ସୁବ୍ୟବସ୍ଥା ହୋଇ ଥିବା ସ୍ଥଳେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଗ୍ରାମ ଦେବାଦେବୀ ଙ୍କୁ ଦର୍ଶନ କରିଥିଲେ ।

## ଶୌଣ୍ଡିକ ସେବା ସଂଘର ସ୍ୱଚ୍ଛ ଭାରତ ଅଭିଯାନ

ଗୁଣପୁର ୧୯/୩(ନି.ପ୍ର): ଆଜି ଗୁଣପୁର ସହରାଞ୍ଚଳ ଶୌଣ୍ଡିକ ସେବା ସଂଘ ତରଫରୁ ‘ ସ୍ୱଚ୍ଛ ଭାରତ ଅଭିଯାନ ‘ସ୍ଥାନୀୟ ଗୁଣପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ବାଘୁଆ ଦେଉଳ ପରିସରରେ ଥିବା ସର୍ବ ପୂରାତନ ଶିବ ମନ୍ଦିର ଚତୁଃପାର୍ଶ୍ୱରେ ସଫେଇ କାର୍ଯ୍ୟକ୍ରମ , ଉପସ୍ଥିତ ସମସ୍ତ ସଦସ୍ୟଙ୍କ ଦ୍ୱାରା ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶୌଣ୍ଡିକ ସେବା ସଂଘର ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ଶୌଣ୍ଡିକ ପରିବାର ତରଫରୁ ଉପସ୍ଥିତ ସଦସ୍ୟ ଶ୍ରମଦାନ କରି ସଫେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସଂଘର ସଭାପତି ନରେନ୍ଦ୍ର କୁମାର ସାହୁ , ସଂପାଦକ କୃଷ୍ଣଚନ୍ଦ୍ର ସେନାପତି, ଯୁଗ୍ମ ସଂପାଦକ ବିଶ୍ୱନାଥ ସାହୁ, କୋଷାଧ୍ୟକ୍ଷ ଦିଲୀପ କୁମାର ଚୌଧୁରୀ ପ୍ରମୁଖ ଉକ୍ତ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଅନୀଲ କୁମାର ସାହୁକାର, ଚକ୍ରପାଣି ରନ୍ହାଲୁ, କୃଷ୍ଣଚନ୍ଦ୍ର ଚୌଧୁରୀ , ଜଗନ୍ନାଥ ଚୌଧୁର, ପ୍ରତାପ ବେହେରା, ଶଶିଭୂଷଣ ରନ୍ହାଲୁ , କୁଞ୍ଜ ବିହାରୀ କଂସ ବେହେରା, ମୋହନଲାଲ ଚୌଧୁରୀ, ଜନାର୍ଦ୍ଦନ ସେନାପତି ଓ ଅଜିତ ସେନାପତି ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ ।

## ବାଘବାହାଲ ଗ୍ରାମରେ ଆଦିବାସୀ ମହାସଂଘର ବୈଠକ

ଅତାବିରା ୧୯/୩(ନି.ପ୍ର): ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ହିର୍ଲିପାଲି ଗ୍ରାମ ପଞ୍ଚାୟତ ବାଘବାହାଲ ଗ୍ରାମରେ ପଞ୍ଚାୟତ ସ୍ତରୀୟ ଏକ ସଭା ଅନୁଷ୍ଠିତ ହୋଇଥିଲା। ହିର୍ଲିପାଲି ଗ୍ରାମ ପଞ୍ଚାୟତ ସଭାପତି ଶ୍ରୀଯୁକ୍ତ ଗୁରୁ ଭୋଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟକୁ ଆଗକୁ ନିଆ ଯାଇଥିଲା । ଆଦିବାସୀ ମାନଙ୍କର ଆର୍ଥିକ ବ୍ୟବସ୍ଥା ପାଇଁ ଏବଂ ଆଦିବାସୀ ଶିକ୍ଷା କ୍ଷେତ୍ରରେ ଓ ସରକାରୀ ପଦ ପଦବୀରେ କେମିତି ଭାବରେ ନିଯୁକ୍ତି ମିଳିବ ଏବଂ ଭୂମିହୀନ ମାନଙ୍କୁ ଘରଡିହ ସହିତ ପଟ୍ଟା ଯୋଗାଇ ଦେବାପାଇଁ ଓ ରାସନ୍ କାର୍ଡ ରେ ବଞ୍ଚିତ ଥିବା ପରିବାରଙ୍କୁ କେମିତି ଭାବରେ ରାସନ୍ କାର୍ଡ ମିଳିବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଞ୍ଚିତ ଥିବା ପରିବାରଙ୍କୁ କେମିତି ଭାବରେ ଘର ମିଳିବ ଏବଂ ଅନ୍ୟ ବର୍ଗର ଗରିବ ଲୋକମାନଙ୍କୁ ଯୋଗାଇ ଦେବାପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା ଏବଂ ଅତାବିରା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ସଂଘ ମଜଭୁତ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଛି। ଅବସରରେ ମୂଖ୍ୟ ଅତିଥି ଭାବରେ ସଂଘର ପ୍ରତିଷ୍ଠାତା ଶ୍ରୀମାନ ଗୋବର୍ଦ୍ଧନ ଭୋଏ ଯୋଗଦାନ କରିଥିଲେ ସମ୍ମାନିତ ଅତିଥି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ, ଭେଡେନ ବ୍ଲକ ସଭାନେତ୍ରୀ ଶ୍ରୀମତି ପ୍ରେମସିଲା ବରିହା,ଅତାବିରା ବ୍ଲକ ସଭାପତି ଭୁଷଣ ବିଶ୍ୱାଳ, ଅତାବିରା N. A.C ର ଅଧ୍ୟକ୍ଷ ବନମାଳୀ ବରିହା , ବାଘବାହାଲ ଗ୍ରାମର ପ୍ରଦିପ ବିଶି , ଟାଙ୍ଗରପାଲି ପଞ୍ଚାୟତ ସଭାପତି ସାଙ୍ଗକୁ ମିଞ୍ଜ୍ , ଲଚିଦା ପଞ୍ଚାୟତ ସଭାପତି ସୁଦର୍ଶନ ଭୁଏ ମଞ୍ଚାସିନ ଥିଲେ ଏବଂ ହିର୍ଲିପାଲି ଗ୍ରାମ ପଞ୍ଚାୟତର ଆଦିବାସୀ ମହିଳା ଓ ପୁରୁଷ ମାନେ ଯୋଗଦାନ କରିଥିଲେ , ସଭା ଶେଶରେ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭାକୁ ସ୍ୱାଙ୍ଗ କରିଥିଲେ ।

## ଗୋପଲୀଳା ପାରାୟଣ ଉଦଯାପନୀ ଉତ୍ସବ

ମ. ରାମପୁର ୧୯/୩(ନି.ପ୍ର): ମଦନପୁର ରାମପୁର ବ୍ଲକ ଅଧିନସ୍ଥ ଅଁଳାପାଲି ଗ୍ରାମରେ ଗତ ତା ୧୧.୩ .୨୫ ଠାରୁ ୧୪.୩.୨୫ ପର୍ଯ୍ୟନ୍ତ ଚାରିଦିନ ବ୍ୟାପି ନାରୀ ଜାଗରଣ, ଆଧ୍ୟାତ୍ମିକ ଭାବନାର କ୍ରମୋନ୍ନତି , ଗ୍ରାମ୍ୟକଳା ର ବିକାଶ ନିମିତ୍ତ‘ଗୋପଲୀଳା ପାରାୟଣ‘ ମହାଯଂଜ୍ଞ ଅନୁଷ୍ଠିତ ହୋଇଥିଲା ।ଅଁଳାପାଲି ର ସମସ୍ତ ଗ୍ରାମବାସୀ ଓ ଗ୍ରାମର ସମସ୍ତ କଳାକାରଙ୍କ ପୂର୍ଣ୍ଣ ତନମନଧନ ର ସହଯୋଗରେ ଅତିସୁନ୍ଦର ଭାବେ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ପାରାୟଣ ଗାୟିକା ଶ୍ରୀମତୀ ମୋନାଲି ମହାପାତ୍ର ଥିବାବେଳେ କଂସ ଦରବାର ଆୟୋଜନ କରିଥିଲେ ଜୀବନ ଜ୍ୟୋତି କଳା ପରିଷଦ, ଅଁଳାପାଲି, ପାରାୟଣ କର୍ତ୍ତା ଭାବେ ଥିଲେ ଶ୍ରୀମତୀ ଭୂମିସୁତା ସାହୁ, ଶ୍ରୀଯୁକ୍ତ ରୁପାଧର ସାହୁ, ଏହାସହ କଂସ ଦରବାର ନିର୍ଦ୍ଦେଶକ ଥିଲେ ଶ୍ରୀ ଯୋଗୀମତ ଜାଲ ।ଗାୟିକା ଶ୍ରୀମତୀ ମହାପାତ୍ର ଓ କଂସ ଭୂମିକାରେ ଅଭିନୟ କରିଥିବା ଶ୍ରୀ ଖଗେନ୍ଦ୍ର ସାହୁଙ୍କୁ ପ୍ରଶଂସା ପତ୍ର ସହ ସମ୍ମାନୀତ କରାଯାଇଥିଲା। ଚାରିଦିନ ବ୍ୟାପି କଂସ ଦରବାର କାର୍ଯ୍ୟକ୍ରମ ହୃଦୟସ୍ପର୍ଶୀ ଓ ଆକର୍ଷଣୀୟ ଥିଲା ବୋଲି ଦର୍ଶକ ଓ ଶ୍ରୋତା ମଣ୍ଡଳୀଙ୍କ ଦ୍ୱାରା ଆନନ୍ଦିତ ମନ୍ତବ୍ୟ ପ୍ରକାଶ ପାଉଥିବା ବେଳେ ‘ଜୀବନ ଜ୍ୟୋତି କଳା ପରିଷଦ‘ ଦ୍ୱାରା ’କଂସ ଦରବାର’ ବଜାୟ ରହୁ ବୋଲି ବୁଦ୍ଧିଜୀବୀ ମହଲରେ ଉତ୍ସାହିତ ମନ୍ତବ୍ୟ ପ୍ରକାଶ ପାଉଅଛି । କାର୍ଯ୍ୟକ୍ରମ ର ଅନ୍ତିମ ପର୍ଯ୍ୟାୟରେ ସଭାପତି ଶ୍ରୀ ଟିକେଶ୍ୱର ସାହୁ ଜ୍ୟେଷ୍ଠ,ଶ୍ରେଷ୍ଠ,କନିଷ୍ଠ ସହଯୋଗକ୍ରୀ, ଦେଖଣାହାରି, ଶ୍ରୋତୃମଣ୍ଡଳୀ,ଅତିଥି,ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଟିଙ୍ଗିପାଲି ରେ ଚୋବିଶ୍ ପ୍ରହରୀ ନାମଯଜ୍ଞ‘

### *ନାମ ସଙ୍କୀର୍ତ୍ତନ୍ୟ ରେ ଉଛୁଳି ଉଠୁଛି ଗାଆଁ ଦାଣ୍ଡ*



ବରଗଡ଼ ୧୯/୩(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅନ୍ତର୍ଗତ ମନାପଡା ପଞ୍ଚାୟତ ଟିଙ୍ଗିପାଲି ଠାରେ ଚୋବିଶ ପ୍ରହରୀ ନାମ ଯଜ୍ଞ ଆରମ୍ଭ ହୋଇଯାଇଛି ।ସର୍ବ ପ୍ରଥମେ ସପତ୍ନିକ କିଶୋର ପଧାନ ଓ ପୁଷ୍ପାଞ୍ଜଳି ପଧାନ କର୍ତ୍ତା ବରଣ ପୂର୍ବକ ସ୍ଥାନୀୟ ଡେଙ୍ଗେଇ କଷ୍ଟା ତୁଠରେ ପୂଜାର୍ଚ୍ଚନା କରାଯାଇଥିଲା ।ତଦପରେ ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରା ଘଣ୍ଟ ଶଙ୍ଖ ହୁଳହୁଳି ର ତାଳେ ତାଳେ ଜଳପୂର୍ଣ୍ଣ କଳସ ଗ୍ରାମ ପରିକ୍ରମା କରି ନାମଯଜ୍ଞ ମଣ୍ଡପ ଠାରେ ସ୍ଥାପନ ପୂର୍ବକ ସୁଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା‘ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ,ହରେ ରାମ ହରେ ରାମ ରାମ ରାମ ହରେ ହରେ‘ ନାମ ଧରା ଆରମ୍ଭ ହୋଇ ଦୀର୍ଘ ୪ଦିନ ଧରି ଆସନ୍ତା ୧୯ତାରିଖ ବୁଧବାର ଦିନ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମବାସୀ ଙ୍କ ପକ୍ଷରୁ ଜଣାପଡିଛି ।ବାପ ଅଜା ଅମଳରୁ ଗାଆଁ ରାଧାକୃଷ୍ଣ ଙ୍କ ମନ୍ଦିର ନିକଟରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ନାମ ଯଜ୍ଞ ପାଇଁ ପରଜା ମାନଙ୍କ ଶକ୍ତି ଅନୁଯାୟୀ ଯଥା ଶକ୍ତି ତଥା ଭକ୍ତି ରେ ଆର୍ଥିକ, ଶାରୀରିକ ସହ ଚାଉଳ ଆଦାୟ ପୂର୍ବକ ଗ୍ରାମର ଆବାଳବୃଦ୍ଧ ବନିତା ସମସ୍ତେ ଅଣ୍ଟା ଭକ୍ତି ର ଏକ ଉଦାହରଣ ସଜିଥାନ୍ତି ।ପାରମ୍ପରିକ ରୀତିନୀତି ଅନୁଯାୟୀ ଗାଆଁ ଦାଣ୍ଡ ଦୁଆର ମୁହଁରେ ଲିପା ପୋଛା ହୋଇ ବର୍ଦ୍ଧନି କଳସ ସ୍ଥାପନ ପୂର୍ବକ ଧୂପ ଦ୍ୱୀପ ପ୍ରଜ୍ୱଳନ କରି ନାମ ଧରା ପାଇଁ ଭବ୍ୟ କଳସ ଯାତ୍ରା କୁ ସ୍ୱାଗତ କରାଯାଇଥିଲା ।ସେହିପରି ନାମ ଯଜ୍ଞ ଆରମ୍ଭ ଦିନ ଠାରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ଗାଆଁରେ ଘର ମାନଙ୍କରେ ରୋଷେଇ ବାସ ସବୁ ବନ୍ଦ ହୋଇ କେବଳ ଯଜ୍ଞ ଅନ୍ନ ପ୍ରସାଦ ରୁ ସମସ୍ତେ ଗ୍ରହଣ କରି ନାମ ଯଜ୍ଞ ରେ ଲାଗି ପଡିଛନ୍ତି ।ପାଖାପାଖି ୭୫/୭୬ ବର୍ଷ ତଥା ବାପ ଅଜା ଅମଳରୁ ଏହି ନାମଯଜ୍ଞ ହୋଇ ଆସୁଥିବା ବେଳେ ପୂଜକ ଭାବରେ ମନାପଡ଼ା କିଶୋର ଷଡ଼ଙ୍ଗୀ ଓ ତାଙ୍କ ସାଥୀ ମାନେ ବ୍ରହ୍ମା ବରଣ ହୋଇ ପୂଜାକାର୍ଯ୍ୟ ତୁଲାଇବାକୁ ଥିବା ବେଳେ ପ୍ରତିଦିନ ଆଖପାଖ ପାଲି ଗାଆଁ ମାନଙ୍କରୁ ସହଯୋଗୀ ସଙ୍କୀର୍ତ୍ତନ ଦଳ ଯୋଗ ଦେବାସହ ବୁଧବାର ପୂର୍ଣ୍ଣା ହୁତି ଦିନ ନଗର କୀର୍ତ୍ତନ ଗୋପାଳ ପୁର, ତାଲମେଣ୍ଡା,ଗୁଡିପାଲି କୀର୍ତ୍ତନ ଦଳ ଯୋଗ ଦେବେ ବୋଲି ଗ୍ରାମବାସୀ ଙ୍କ ପକ୍ଷରୁ ଜଣାପଡିଛି।

## ବରିଷ୍ଠ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ ଙ୍କୁ ମିଳିଛି ନୋଟାରୀ ପବ୍ଲିକ ଭାବେ ନିଯୁକ୍ତି




ପାରାଦୀପ,୧୮/୦୩(ନି.ପ୍ର) : ଭାରତ ସରକାରଙ୍କ ନୋଟାରୀ ପବ୍ଲିକ ଭାବେ ପାରାଦୀପ ବାର ଆସୋସିଏସନ ର ସଦସ୍ୟ ତଥା ପାରାଦୀପ ଅଞ୍ଚଳ ର ଜଣାଶୁଣା ବରିଷ୍ଠ ଆଇନିଜୀବୀ କୈଳାଶ ଚନ୍ଦ୍ର ସାହୁ ନିଯୁକ୍ତି ପାଇଛନ୍ତି ।ଭାରତ ସରକାରଙ୍କ ଆଇନ ଓ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ନୋଟାରୀ ସେଲ ପକ୍ଷରୁ ଗତ ୧୨ ତାରିଖରେ ଆଇନିଜୀବୀ ଶ୍ରୀ ସାହୁ ଙ୍କୁ ନିଯୁକ୍ତି ପତ୍ର ମିଳିଛି ।ବନ୍ଦର ସହର ପାରାଦୀପ ଅଞ୍ଚଳରେ ଆଇନିଜୀବୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସାହୁ ଙ୍କୁ ଏହି ନିଯୁକ୍ତି ମିଳିଥିବା ଖବର ପ୍ରଚାରିତ ହେବା ପରେ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି ।ଏନେଇ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଙ୍କ ସମେତ ପାରାଦୀପ ବାର ଆସୋସିଏସନ ର ସଭାପତି ହେମନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ତପନ କୁମାର ଦାସ, ଉପସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୁଜଙ୍ଗ କୋର୍ଟ ର ଏପିପି ସୁରେଶ ଚନ୍ଦ୍ର ଦାସ ଓ ନଳିନୀ ରଞ୍ଜନ ଦାସ, ମେଡିଆ କ୍ରିକେଟ ଟିମ ର ସମସ୍ତ ସଦସ୍ୟ, ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଓ ଫକୀର ମୋହନ ବଣିକ ସଂଘର କର୍ମକର୍ତ୍ତା ମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।ଆଇନିଜୀବୀ ଶ୍ରୀ ସାହୁ ନ୍ୟାୟ ସଂହିତା କ୍ଷେତ୍ରରେ ପାରାଦୀପ ର ପ୍ରତ୍ୟକ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚେଷ୍ଟା ଜାରି ରଖିବା ସହିତ ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛନ୍ତି ।ଏବଂ ସେ ସମାଜସେବା କ୍ଷେତ୍ରରେ ପାରାଦୀପ ଅଞ୍ଚଳ ର ବିଭିନ୍ନ ସଙ୍ଗଠନ ସହିତ ଜଡିତ ଅଛନ୍ତି ।

# ବାପି ସରଖେଲ ସାଜିବେ କି ବିଜେଡିର ଭସ୍ମାସୁର


## ବାପିଙ୍କ ଚକ୍ରାନ୍ତ ରେ ପାରାଦୀପ ରୁ ନିଶ୍ଚିହ୍ନ ହୋଇଯିବ କୁ ବିଜେଡି, ଶିକ୍ଷମନ୍ତ୍ରୀ ଙ୍କ ବିରୁଦ୍ଧରେ ବିଜେଡି ବ୍ୟାନର ରେ ଦେଇଥିବା ଦାବିପତ୍ର କୁ ନେଇ ପ୍ରତିକ୍ରିୟା ରଖିଲେ ପୌରାଧ୍ୟକ୍ଷ ଓ ପୂର୍ବତନ ବିଧାୟକ

ପାରାଦୀପ, ତା୧୮/୩(ନି.ପ୍ର) ଶ୍ରମିକ ସଂଗଠନ ବିବାଦ ହେଉ କିମ୍ବା ରାଜନୈତିକ ବିବାଦ ସବୁ କ୍ଷେତ୍ରରେ ବିବାଦୀୟ ଭାବରେ ଚର୍ଚ୍ଚା ରେ ରହିଛନ୍ତି ପାରାଦୀପ ର ଶ୍ରମିକ ନେତା ବାପି ସରଖେଲ । କିଛିଦିନ ଧରି ପାରାଦୀପ ଡ଼ିଏଲଆର୍ସ ଶ୍ରମିକ ସଙ୍ଘ ବିବାଦ ର ଚର୍ଚ୍ଚା ଥମି ନ ଥିବା ବେଳେ ଆଜି ପାରାଦୀପ ର ପୂର୍ବତନ ବିଧାୟକ ଏବଂ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କୁ ଅଣଦେଖା କରି ବିଜେଡି ବ୍ୟାନର ରେ କୁଜଙ୍ଗ ବ୍ଲକ ଚେୟାରମ୍ୟାନ ଙ୍କ ସମେତ କିଛି ବିଜେଡି ନେତାଙ୍କୁ ଆଣି ଶିକ୍ଷମନ୍ତ୍ରୀ ଙ୍କ ବିରୁଦ୍ଧରେ ଜଗତସିଂହପୁର ଜିଲ୍ଲାପାଳ ଙ୍କୁ ବାପି ସରଖେଲ ଦେଇଥିବା ଦାବିପତ୍ର କୁ ନେଇ ବିଜେଡି ରାଜନୀତି ରେ ତୁମ୍ବି ତୋଫାନ ସୃଷ୍ଟି ହୋଇଛି କ୍ଷ ଗତ ବିଧାନସଭା ନିର୍ବାଚନ ରେ ସମ୍ବିତ ରାଉତରାୟ ଙ୍କ ସହିତ ହାତ ମିଳାଇ ବିଜେଡି ରେ ପ୍ରବେଶ କରିବା ପରେ ଦୁଇ ବାପି ଙ୍କ ମହାମିଳନ କୁ ନେଇ ଯେତିକି ଚର୍ଚ୍ଚା ଚାଲିଥିଲା ଆଜି ପାରାଦୀପ ରେ ବିଜେଡି କୁ ବାପି ସରଖେଲ ବିଭାଜନ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି । ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କାଗିଥିବା କଥା ବାପି ସରଖେଲ ଯେଉଁଠିକୁ ଯିବେ ସେଠି ଭସ୍ମାସୁର ପାଲଟିବେ ବୋଲି କହିଥିବା କଥା କୁ ପରୋକ୍ଷରେ ସ୍ୱୀକାର କରିଛନ୍ତି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ପାରାଦୀପ ର ପୂର୍ବତନ ବିଧାୟକ ତଥା ଦାମୋଦର ରାଉତ ଙ୍କ ସୁପୁତ୍ର ସମ୍ବିତ ରାଉତରାୟ। ଗତ ବିଧାନସଭା ନିର୍ବାଚନ ପରେ ପାରାଦୀପ ର ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ପାରାଦୀପ ରେ ସୃଷ୍ଟି କରୁଛନ୍ତି ଅରାଜକତା, ଶିକ୍ଷ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇ ନିଜ ପରିବାର ର ବ୍ୟବସାୟ ବୃଦ୍ଧି ପାଇଁ ସଦାସର୍ବଦା ପ୍ରଚେଷ୍ଟା କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ବାପି ସରଖେଲ କ୍ଷ କିଛି ଦିନ ଧରି ପାରାଦୀପ ପୋର୍ଟ ଡ଼ିଏଲଆର୍ସ ଆସୋସିଏସନ ବିବାଦ ର ପୂର୍ଣ୍ଣଛେଦ ପଡିବା ପୂର୍ବରୁ ଆଜି ଶ୍ରମିକ ନେତା ବାପି ସରଖେଲ ଙ୍କ ନେତୃତ୍ୱରେ ବିଜେଡି ତରଫରୁ ଜିଲ୍ଲାପାଳ ଙ୍କୁ ଦିଆଯାଇଛି ଦାବିପତ୍ର। ପାରାଦୀପ ବିଧାୟକ ଶିକ୍ଷମନ୍ତ୍ରୀ ହେବାପରେ ପାରାଦୀପ



ରେ ସୃଷ୍ଟି ହୋଇଛି ଅରାଜକତା, ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ଶିକ୍ଷମନ୍ତ୍ରୀ, ନିର୍ବାଚନ ପରଠାରୁ କୁଜଙ୍ଗ ବ୍ଲକ ରେ ବିଭିନ୍ନ ସରପଞ୍ଚ ଏବଂ ବିଜେଡି ସମର୍ଥିତ ଯୁବକ ମାନେ କରିଥିବା ବିଭିନ୍ନ କାର୍ଯ୍ୟର ବିଲ କୁ ଅଟକାଇବା ସହିତ ବିଭିନ୍ନ ସମୟରେ ସେମାନଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ଆଣିଛନ୍ତି ବାପି ସରଖେଲ। କିଛିଦିନ ହେବ ପାରାଦୀପ ରାଜରାସ୍ତା ରେ ବେଆଇନ ବାଲି ଚୋରାଚାଲାଣ ଏବଂ ବେପରୁଆ ଭାବରେ ଆଇରନ ଗାଡି ଚଳାଚଳ କାରଣରୁ ବିଭିନ୍ନ ସମୟରେ ରାଜରାସ୍ତା ରେ ଦୁର୍ଘଟଣା ଘଟି ଅନେକ ଜୀବନ ଚାଲିଯାଇଛି। ଯାହା ଶିକ୍ଷମନ୍ତ୍ରୀ ସ୍ଥାନୀୟ ଲୋକଙ୍କ ପ୍ରତି ଅଣଦେଖା କରୁଥିବା ର ସ୍ପଷ୍ଟଚିତ୍ର ବୋଲି କହିଛନ୍ତି ବାପି। ଏହିଭଳି ପାରାଦୀପ ଅଞ୍ଚଳ ରେ ଶିକ୍ଷମନ୍ତ୍ରୀ ବିଭିନ୍ନ ପ୍ରକାର ଅନେକ ଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି ଶ୍ରମିକ ନେତା ବାପି ସରଖେଲ। ତେବେ ବିଜେଡି ତରଫରୁ ଦାବିପତ୍ର ପ୍ରଦାନ ସମୟରେ ପାରାଦୀପ ର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ହୁଅନ୍ତୁ କିମ୍ବା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କୁ ଦେଖିବାକୁ ମିଳିନଥିବା ପ୍ରଶ୍ନ ରେ ବାପି ସରଖେଲ ଙ୍କ ଉତ୍ତର ସନ୍ତୋଷଜନକ ନଥିବା ବେଳେ ବାପି ସରଖେଲ ଙ୍କୁ ନେଇ ପାରାଦୀପ ରେ ବିଜେଡି ବିଭାଜନ ଭଳି ସ୍ଥିତି ସ୍ପଷ୍ଟ ଦୃଶ୍ୟମାନ ହେଉଛି। କିଛିଦିନ ତଳେ ବାପି ସରଖେଲ ଦେଇଥିବା ଆନ୍ଦୋଳନ ଡାକରା କୁ ବିରୋଧ କରିଥିଲେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ। ଆଜିର ଏହି ଘଟଣା କୁ ତୀବ୍ର ବିରୋଧ କରିଛନ୍ତି ସମ୍ବିତ ରାଉତରାୟ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ବାପି ସରଖେଲ କିଛିଦିନ ତଳେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି କିନ୍ତୁ ସେ ବିଜେଡି ର ନେତା ହେଲେ କେମିତି। କୁଜଙ୍ଗ ବ୍ଲକ ଅଧ୍ୟକ୍ଷ ହୁଅନ୍ତୁ କିମ୍ବା ଅନ୍ୟ କୌଣସି ଦଳୀୟ ନେତୃବୃନ୍ଦ ଙ୍କୁ ସାଥିରେ ଧରି ଜିଲ୍ଲାପାଳ ଙ୍କୁ ଦାବିପତ୍ର ଦେବା ଏହା ତାଙ୍କର ନିଜସ୍ୱ କଥା ଏଠି ଦଳର କୌଣସି ଭୂମିକା ନାହିଁ କ୍ଷ ତେବେ ବିଜେଡି ପ୍ୟାଡ଼ ବ୍ୟବହାର କରିବା ପ୍ରସଙ୍ଗ କୁ ନିନ୍ଦା କରିଛନ୍ତି ଉଭୟ ପୌରାଧ୍ୟକ୍ଷ ଏବଂ ପୂର୍ବତନ ବିଧାୟକ। ଦଳୀୟ ପ୍ୟାଡ଼ ବ୍ୟବହାର କରିବା ଅଧିକାର ବାପି ସରଖେଲ ଙ୍କର ନାହିଁ। ସେ କାହାକୁ ଜଣାଇ ଦଳୀୟ ପ୍ୟାଡ଼ ବ୍ୟବହାର କରିଛନ୍ତି ବୋଲି ପ୍ରଶ୍ନ କରିବା ସହିତ ଏ ନେଇ ହାଇକମାଣ୍ଡ ଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ପୌରାଧ୍ୟକ୍ଷ ତଥା ପାରାଦୀପ ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ



କେନ୍ଦ୍ରାପଡ଼ା(୧୯/୦୩) ଆଜି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନସ୍ଥ “ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା”ରେ ୧୦୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡା ଟାଉନ ହଲ ଠାରୁ ଅଯୋଧା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ଓ ଏହି ଉପଲକ୍ଷେ ଅପରାହ୍ଣ ୦୩.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ଟାଉନ ହଲଠାରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ଯାଞ୍ଚରେ ଯୋଗ୍ୟ ବିବେଚିତ ହୋଇଥିବା ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ପାଇଁ ଉଦ୍ଦିଷ୍ଟ ବସ୍ ଯୋଗେ ଯାତ୍ରା ଆରମ୍ଭ ପାଇଁ ବସିଥିଲେ ଓ ଏମାନଙ୍କ ମଧ୍ୟରେ ୨୭ ବରିଷ୍ଠ ଦମ୍ପତି ଓ ୫୧ ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୫୬ ଓ ମହିଳାଙ୍କ ସଂଖ୍ୟା ୪୯ ରହିଛି ଓ ସୂଚନାଯୋଗ୍ୟ ଯେ, ସେମାନେ ଏଠାରୁ ଯାଇ ଭୁବନେଶ୍ୱର ୟୁନିଟ – ୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାତ୍ରି ବିଶ୍ରାମ କରିବାର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ଆସନ୍ତା କାଲି ତା. ୧୯.୦୩.୨୦୨୫ ରିଖ ପୂର୍ବାହ୍ଣ ୧୧.୪୫ ଘଟିକା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭ ଉଦ୍ଘାଟନ ପରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧା – ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏହି ଯାତ୍ରାର ସମୟସୀମା ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୪ ତାରିଖରେ ଶେଷ ହେବ । କେନ୍ଦ୍ରାପଡାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିକାରୀ ତ୍ରିଭୁବନ ଜୟସିଂହ, ବରିଷ୍ଠ ତୀର୍ଥଯାତ୍ରୀ ଓ ତାଙ୍କ ପରିବାର ସଦସ୍ୟ, କର୍ମକର୍ତ୍ତା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ୪ ଜଣ ଏସ୍କର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

